୬

ଏସିଆନ ଗେମ୍ସ : ଉଦ୍‌ଯାପନୀ ସମାରୋହରେ ଭାରତର ଧ୍ୱଜବାହକ ହେଲେ ନୀରୁ ଢାଣ୍ଡା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪୬ ● ୫ ଅକ୍ଟୋବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-246 ● 5th October 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୬୨ତମ ମ୍ୟୁନିକ୍ ସିକ୍ୟୁରିଟି କନଫରେନ୍ସ

# ଆମେରିକାର ଭୂମିକା ଓ ଚୀନର ଶକ୍ତି ବିଶ୍ୱ ବ୍ୟବସ୍ଥାକୁ ପ୍ରଭାବିତ କରୁଛି

**ନୂଆଦିଲ୍ଲୀ, ୪।୧୦**

ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକା ଓ ଚାଇନାକୁ ନେଇ ବଡ଼ ମନ୍ତବ୍ୟ ଦେଇଛନ୍ତି । ୬୨ତମ ମ୍ୟୁନିକ୍ ସିକ୍ୟୁରିଟି କନଫରେନ୍ସରେ ଜୟଶଙ୍କର କହିଛନ୍ତି ଯେ, ଆମେରିକାର ବଦଳୁଥିବା ଭୂମିକା ଓ ଚାଇନାର ବଢୁଥିବା ଶକ୍ତି ବିଶ୍ୱ ବ୍ୟବସ୍ଥାକୁ ପ୍ରଭାବିତ କରୁଛି । ତାଙ୍କ ଅନୁସାରେ, ଆମେରିକା ନିଜ ଇଚ୍ଛାରେ ଧୀରେ ଧୀରେ ଏକାକୀ ଶକ୍ତିରେ ପରିଣତ ହେଉଛି ।




ଜୟଶଙ୍କର କହିଛନ୍ତି, ବର୍ତ୍ତମାନର ଅନ୍ତର୍ଜାତୀୟ ବ୍ୟବସ୍ଥା ଆମେରିକା-ଚାଇନା ମଧ୍ୟରେ ବଢୁଥିବା ତୀବ୍ର ପ୍ରତିଯୋଗିତା, ଉଦୀୟମାନ ଓ ମଧ୍ୟମ ଶକ୍ତିଶାଳୀ ଦେଶଗୁଡ଼ିକର ବଢୁଥିବା ଆତ୍ମନିର୍ଭରଶୀଳତା ଏବଂ ବିଭିନ୍ନ ଦେଶ ସହ ଭାଗିଦାରୀ ବଢ଼ାଇ ବିପଦ କମାଇବାର ପ୍ରୟାସ ଦ୍ୱାରା ନିର୍ଦ୍ଧାରିତ ହେଉଛି । ଚାଇନାର ବଢୁଥିବା ପ୍ରଭାବକୁ ମଧ୍ୟ ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ବିଶ୍ୱର ମାନୁଫାକଚରିଂ କ୍ଷେତ୍ରରେ ଚାଇନାର ଅଂଶ ପ୍ରାୟ ଏକ-ତୃତୀୟାଂଶ। ଚାଇନାର ଆର୍ଥିକ କ୍ଷମତା ଏବେ ରାଜନୈତିକ ପ୍ରଭାବରେ ପରିଣତ ହେଉଛି।

ଜୟଶଙ୍କର କହିଛନ୍ତି ଯେ, ଆମେରିକା ଓ ଚାଇନା ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି। ଏହା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନୁହେଁ। ବିଭିନ୍ନ ଦେଶ ନିଜ ପାଖରେ ଥିବା ପ୍ରଭାବ ଓ କ୍ଷମତାକୁ ଏକ ରଣନୀତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି । ତେବେ ଏହି ପ୍ରତିଯୋଗିତା ପରସ୍ପର ନିର୍ଭରଶୀଳତାର ଜଟିଳତା ସହିତ ମଧ୍ୟ ଚାଲିଛି। ଜୟଶଙ୍କର କହିଛନ୍ତି ଯେ, ଉଦୀୟମାନ ଓ ମଧ୍ୟମ ଶକ୍ତିର ଦେଶଗୁଡ଼ିକ ଏବେ ନିଜ ହିତ ପ୍ରତି ଅଧିକ ସଚେତନ ହେଉଛନ୍ତି। ସେମାନେ ଅଧିକ ଆତ୍ମନିର୍ଭର ହେବା ସହିତ ବିଭିନ୍ନ ବିକଳ୍ପ ଖୋଜୁଛନ୍ତି ଏବଂ ବିପଦ କମାଇବା ଉପରେ ଗୁରୁତ୍ୱ ଦେଉଛନ୍ତି।ଏହି ଦେଶଗୁଡ଼ିକ ଏଜେଣ୍ଡା ଆଧାରିତ ସହଯୋଗ ଓ ଅଧିକ ମଜବୁତ ସପ୍ଲାଏ ଚେନ୍ ଗଠନ ଦିଗରେ ମଧ୍ୟ କାମ କରୁଛନ୍ତି ବୋଲି ସେ କହିଛନ୍ତି।

ଜୟଶଙ୍କରଙ୍କ ମତରେ, ଦେଶଗୁଡ଼ିକ ମଧ୍ୟରେ ସହଯୋଗ ପାଇଁ ପ୍ରତ୍ୟେକ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ସହମତି (ପୃଷ୍ଠା ୭ରେ)

## 'ସମାଜ'ର ୧୦୭ ତମ ଜନ୍ମ ବାର୍ଷିକୀ ସମାରୋହ

# ଶତାୟୁ ହେଲେ ମଧ୍ୟ ଯୁବକ ପରି କାର୍ଯ୍ୟ କରୁଛି 'ସମାଜ' : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୪।୧୦ : ନ୍ୟୁଜ୍ ବ୍ୟୁରୋ**

'ଦୈନିକ ଖବର କାଗଜ 'ସମାଜ' ଆଜି ୧୦୭ ବର୍ଷରେ ପାଦ ଦେଇଛି । ସମାଜ ଶତାୟୁ ହୋଇଛି ସତ, ହେଲେ ଯୁବକ ପରି କାମ କରୁଛି । ଓଡ଼ିଶା ଯେତେବେଳେ ପରାଧୀନ ଥିଲା, ସେତେବେଳେ ଓଡ଼ିଶାକୁ ପ୍ରାକୃତିକ ଦୁର୍ବିପାକ କବଳିତ କରି ରଖୁଥିଲା। ବନ୍ୟା ବାତ୍ୟା ପ୍ରପିଡ଼ୀତ ଲୋକେ ଭାବୁଥିଲେ ଆମ ପାଖରେ ଆଉ କିଏ ପହଞ୍ଚୁ କି ନ ପହଞ୍ଚୁ ଗୋପବନ୍ଧୁ ନିଶ୍ଚିତ ପହଞ୍ଚିବେ । ଲୋକେ ସରକାରଙ୍କ ଉପରେ ଭରସା କରୁ ନ ଥିଲେ, ଗୋପବନ୍ଧୁଙ୍କ ଉପରେ ଭରସା କରୁଥିଲେ । 'ସମାଜ' ଖବର କାଗଜ ଲମ୍ବା ସମୟ ଧରି ଗୋପବନ୍ଧୁଙ୍କ ଆଦର୍ଶକୁ ମୁଖ୍ୟ ଆଧାର କରି ଚାଲିଛି । ଆସନ୍ତୁ ଆମେ ସମସ୍ତେ 'ସମାଜ' ମାଧ୍ୟମରେ ଲୋକଙ୍କ ପାଇଁ କାମ କରିବା, ଟିମ୍ ଓଡ଼ିଶା ଗଠନ କରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ କରିବା ।' ଏକଥା କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରବିବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଦୈନିକ 'ସମାଜ'ର ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକଥା କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ, ଟେଲିଭିଜନ ଯେତେ ୨୪ ଘଣ୍ଟିଆ ଖବର ଦେଲେ ମଧ୍ୟ ଛାପା ଗଣମାଧ୍ୟମ ଆଜି ତା ବିଶ୍ୱସନୀୟତା ବଜାୟ ରଖିଛି । ଖବର ପରିବେଷଣରେ ସମାଜ କେବେ ବି ସାଲିସ କରିନାହିଁ । ଉତ୍କଳମଣିଙ୍କ ପ୍ରେରଣାରେ ସମାଜ ଆଗାମୀ ଦିନରେ ଓଡ଼ିଶା ଜନସାଧାରଣଙ୍କ ସେବା କରି ଚାଲିବ ।

ଏହି କାର୍ଯ୍ୟକ୍ରମରେ 'ସମାଜ'ର ସମ୍ପାଦକ ବାମାପଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସେ ମୁଖ୍ୟ ଅତିଥି, ମଞ୍ଚାସୀନ ଅତିଥି, ଉପସ୍ଥିତ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଉତ୍କଳମଣି ଜଣେ ବିରାଟ ବ୍ୟକ୍ତିତ୍ୱ। ମାତ୍ର ୫୧ ବର୍ଷ ଜୀବନ ଭିତରେ ଜନପ୍ରତିନିଧି ହୋଇଥିଲେ, ଖବରକାଗଜ ବାହାର କରିଥିଲେ, ସମାଜ ସେବା କରୁଥିଲେ, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ।
- ଜମ୍ମୁ ଜେଲରେ ପାକିସ୍ତାନୀ କଏଦୀଙ୍କ ସଂଦିଗ୍ଧ ମୃତ୍ୟୁ।
- ଉତ୍ତରାଖଣ୍ଡରୁ ଦୀନେଶ ଆର୍ଯ୍ୟ ଏବଂ ପଶ୍ଚିମବଙ୍ଗରୁ କୋଏଲ ମଲ୍ଲିକଙ୍କୁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କଲା ବିଜେପି।
- ଏସଆଇଆର ରଦ୍ଦ ହେଉ, ବାଲାଟ ପେପରରେ ନିର୍ବାଚନ କରାଯାଉ: ରାଜ ଠାକରେ।
- ନେପାଳରେ ଦ୍ରୁତ ଗତିରେ ବ୍ୟାପୁଛି ସ୍କ୍ରବ୍ ଟାଇଫସ୍, ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୯,୮୭୨ ସଂକ୍ରମିତ, ୨୨ ଜଣଙ୍କର ମୃତ୍ୟୁ।
- ଇସ୍ରାଏଲର ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଭାରତୀୟ ପାଇଲଟଙ୍କୁ ମଶାଲ ଜଳାଇବାକୁ ନିମନ୍ତ୍ରଣ କଲେ ନେତାନ୍ୟାହୁ।

# ହର୍ମୁଜରେ ଟ୍ୟାଙ୍କର୍ ଉପରେ ଆକ୍ରମଣ ଜାରି: ୭ ଟ୍ୟାଙ୍କରକୁ ଟାର୍ଗେଟ

**ତେହେରାନ, ୪।୧୦**

ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ ନୌସେନା ଗତ ପାଞ୍ଚ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ନିୟମ ଉଲ୍ଲଂଘନ କରି ସାତୋଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି। ଏକ ରିପୋର୍ଟ ଅନୁଯାୟୀ, ଆଇଆରଜିସି ନୌସେନା ପ୍ରତିଦିନ ହାରାହାରି ଗୋଟିଏରୁ ଅଧିକ ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରୁଛି। ଏହି ଘଟଣାଗୁଡ଼ିକ ଏପରି ସମୟରେ ଘଟିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଖୋଲା ରହିଛି ଏବଂ ସମ୍ପୂର୍ଣ୍ଣ ଭାବେ ଆମେରିକା ନିୟନ୍ତ୍ରଣରେ ଅଛି ।ସ୍ୱାଧୀନ ସାମରିକ ବ୍ୟାପାର ପର୍ଯ୍ୟବେକ୍ଷକ ମେନଚୋସିଣ୍ଟ (ପୃଷ୍ଠା ୭ରେ)

# ସଂସ୍କାରମୂଳକ ପଦକ୍ଷେପ ଢାଞ୍ଚାଗତ ବ୍ୟବସ୍ଥାକୁ ସୁଦୃଢ କରୁଛି : ଶକ୍ତିକାନ୍ତ

**ମୁମ୍ବାଇ, ୪।୧୦**

ଗତ ଦଶନ୍ଧିରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ ଓ ବାହ୍ୟ ଝଟକାରୁ ସୁରକ୍ଷା ପ୍ରଦାନ କରୁଛି। ସେହି ଢାଞ୍ଚାଗତ ସଂସ୍କାର ପ୍ରକ୍ରିୟାକୁ ସରକାର ଆଗାମୀ ଦିନରେ ଜାରି ରଖିବା ଦରକାର ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ କହିଛନ୍ତି। ଯେଉଁ ସବୁ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି, ସେହି କ୍ଷେତ୍ରଗୁଡ଼ିକରେ ସ୍ଥାନୀୟ ଉତ୍ପାଦନ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଲେ, ଭାରତର ଅର୍ଥନୈତିକ ସ୍ଥାୟିତ୍ୱ କୌଣସି ଆକସ୍ମିକ ଘଟଣା ନୁହେଁ। ବିଗତ ବର୍ଷ ଗୁଡ଼ିକରେ ଗ୍ରହଣ କରାଯାଇଥିବା ସଂସ୍କାରର ତାହା ହେଉଛି ଫଳ। ନମନୀୟ ମୁଦ୍ରାସ୍ଫୀତି ଲକ୍ଷ୍ୟ, ଜିଏସ୍‌ଟି, ଡିଜିଟାଲ୍ ପେମେଣ୍ଟ, ବ୍ୟାଙ୍କ କ୍ଷେତ୍ରରେ ସଂସ୍କାର ଓ (ପୃଷ୍ଠା ୭ରେ)

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

**ଭୁବନେଶ୍ୱର, ୪।୧୦ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ।

ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର (ପୃଷ୍ଠା ୭ରେ)




# ଶୀଘ୍ର ବାହୁଡ଼ିବ ମୌସୁମୀ

**ଭୁବନେଶ୍ୱର, ୪।୧୦ : ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର କିଛି ଅଞ୍ଚଳରୁ ଅପସାରଣ ହୋଇଥିବା ବେଳେ ଆସନ୍ତା ୨ରୁ ୩ଦିନ ମଧ୍ୟରେ ବିଦର୍ଭ, ମହାରାଷ୍ଟ୍ର, ଛତିଶଗଡ଼, ତେଲଙ୍ଗାନା ଏବଂ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକର କିଛି ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଅନ୍ୟପଟେ, ଆସନ୍ତା ୪ରୁ ୫ଦିନ ମଧ୍ୟରେ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବାୟୁ ଫେରିଯିବାର ସମ୍ଭାବନା ରହିଛି। ବିଶେଷକରି, ପଶ୍ଚିମ ଓ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଲାଗି ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ସ୍ୱାଭାବିକ ଭାବେ ଅକ୍ଟୋବର ୧୨ରୁ ୧୫ ମଧ୍ୟରେ ଓଡ଼ିଶାରୁ ମୌସୁମୀ ଫେରିଥାଏ। ଯଦି ଆସନ୍ତା ୪ରୁ ୫ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରେ, ତେବେ ଏଥର ମୌସୁମୀ ଶୀଘ୍ର ଫେରିଯିବ ବୋଲି କୁହାଯାଇପାରିବ। ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ ସାହୁ କହିଛନ୍ତି, ଆସନ୍ତା ୪ରୁ ୫ ଦିନ ମଧ୍ୟରେ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳ ସହ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଏବଂ ବାଲେଶ୍ୱର ଆଦି ଅଞ୍ଚଳରୁ ମୌସୁମୀ ଫେରିଯିବା ନିମନ୍ତେ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

# 'ଦମନ' ଅଭିଯାନରେ ୧,୭୦୭ ଅବକାରୀ ଓ ୮୯ ଏନପିଡିଏସ ମାମଲା




**କଟକ, ୪।୧୦ : ନ୍ୟୁଜ୍ ବ୍ୟୁରୋ**

ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ, କମିଶନରେଟ ପୋଲିସ, ରେଳବାଇ ପୋଲିସ ଓ ଅନ୍ୟାନ୍ୟ ପୋଲିସ ୟୁନିଟ ଗୁଡିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ ହୋଇଛି।

ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ବିଏନଏସଏସ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି।

ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ଏନପିଡିଏସ ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି ।ଏଥିସହ (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଅକ୍ଟୋବର, ୨୦୨୬ ସୋମବାର





# ଭୋଟ ଚୋରି ଅଭିଯୋଗକୁ ନେଇ କଟକ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାରେ ଏଲିମେଣ୍ଟାରି କ୍ୟାଡର ଶିକ୍ଷକଙ୍କ ଲେଭେଲ୍-୪ରୁ ଲେଭେଲ୍-୩କୁ ପଦୋନ୍ନତି ପ୍ରକ୍ରିୟା ଉପରେ ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଛନ୍ତି। ଆସନ୍ତା ନଭେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବା ପର୍ଯ୍ୟନ୍ତ କୌଣସି ପଦୋନ୍ନତି ଆଦେଶ ଜାରି ନ କରିବାକୁ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କଣ୍ଟାପଡ଼ା ବ୍ଲକର ଶିକ୍ଷକ ଅଶୋକ ମହାପାତ୍ରଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାରେ ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ମଧ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, ଆବେଦନକାରୀ




ଅଶୋକ ମହାପାତ୍ର ୨୦୦୧ ମସିହା ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ସେ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟରେ ଲେଭେଲ୍-୪ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ୨୦୦୧ ମସିହା ସେପ୍ଟେମ୍ବର ୩ ପୂର୍ବରୁ ନିଯୁକ୍ତ ହୋଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଲେଭେଲ୍-୪ରୁ ଲେଭେଲ୍-୩କୁ ପଦୋନ୍ନତି ପାଇଁ ଓଟିଇଟି ପାସ୍‌କୁ ବାଧ୍ୟତାମୂଳକ ସର୍ତ୍ତ ଭାବେ ଲାଗୁ କରାଯାଇପାରିବ ନାହିଁ ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ମାମଲାର ଶୁଣାଣି କରି ହାଇକୋର୍ଟ କଟକ ଜିଲ୍ଲାର ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ନ ହେବା ପର୍ଯ୍ୟନ୍ତ କୌଣସି ପଦୋନ୍ନତି ନ ଦେବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଉଲ୍ଲଂଘନ କରି ଏବଂ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ନ କରି ପଦୋନ୍ନତି ପାଇଁ ଡିଏଲ୍‌ପିସି ବୈଠକ ଡାକିବା ନିମନ୍ତେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ସେପ୍ଟେମ୍ବର ୨୧ରେ ଚିଠି ଜାରି କରାଯାଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଆବେଦନକାରୀ ହାଇକୋର୍ଟରେ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ମାମଲାର ଶୁଣାଣି କରି ଅଦାଲତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଟକ ଜିଲ୍ଲାରେ ଲେଭେଲ୍-୪ରୁ ଲେଭେଲ୍-୩କୁ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି।

# ଶିଶୁ ବିକାଶ ସେବା ସୁଦୃଢ ପାଇଁ ଶୁଭାରମ୍ଭ ହେଲା ଆଙ୍ଗନ୍ କା ଉତ୍ସବ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଶିଶୁ, ମହିଳା ଓ କିଶୋରୀ ମାନଙ୍କ ପାଇଁ ପୋଷଣ ସ୍ୱାସ୍ଥ୍ୟ ସଚେତନତା ଏବଂ ପ୍ରାରମ୍ଭିକ ଶିଶୁ ବିକାଶ ସେବାକୁ ଆହୁରି ସୁଦୃଢ କରିବା ଲକ୍ଷ୍ୟରେ ରାଜ୍ୟର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମହିଳା ଶିଶୁ ବିକାଶ ବିଭାଗର ଭର୍ଚୁଆଲ୍ ମାଧ୍ୟମରେ 'ଆଙ୍ଗନ୍ କା ଉତ୍ସବ' ଅଭିଯାନର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ସମସ୍ତ ଅଙ୍ଗନୱାଡ଼ୀ କେନ୍ଦ୍ରରେ ୨୭ ରୁ ୨୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ। ଏ ନେଇ ଉପମୁଖ୍ୟମନ୍ତ୍ରୀ ଅଙ୍ଗନୱାଡ଼ୀ କର୍ମୀ ଓ ସହାୟକ ପୋଷାକ ଭତ୍ତା ୧୩୯୦ ଟଙ୍କାକୁ ବୃଦ୍ଧି କରି ୧୫୦୦ ଟଙ୍କାକୁ ଘୋଷଣା କରିଛନ୍ତି। ଏଥିସହିତ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଦୀପ୍ତି ପୋର୍ଟାଲର ମଧ ଶୁଭାରମ୍ଭ କରିଥିଲେ। ଏହା ମାଧ୍ୟମରେ ଅଙ୍ଗନୱାଡ଼ୀ କେନ୍ଦ୍ରଗୁଡିକର ଡିଜିଟାଲ୍ ଯାଞ୍ଚ ପୈଠ ଓ ଟ୍ରାକିଙ୍ଗ ସମ୍ଭବ ହେବ। ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ୀ କର୍ମୀ, ସୁପରଭାଇଜର ଓ ସିଡିପିଓମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଜୟ ପାତ୍ର ସହଯୋଗ କରିଥିଲେ।



# ସାଇ ବିଦ୍ୟାମନ୍ଦିରରେ ଏନ ଏସଏସ ପ୍ରତିଷ୍ଠା ଦିବସ

**ବାରିପଦା , ନ୍ୟୁଜ୍ ବ୍ୟୁରୋ**

କୌଳାଶ ଚନ୍ଦ୍ରପୁରସ୍ଥିତ ସାଇ ବିଦ୍ୟାମନ୍ଦିର +୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୁଢ଼ିଖମାରୀ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଦେହୁରୀ ମୁଖ୍ୟ ଅତିଥି, ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଖିଲାର, ଉପାଧ୍ୟକ୍ଷ ଜିତାଂଶୁ କୁମାର ଦାସ, ପୂର୍ବତନ ପ୍ରୋଗ୍ରାମ ଅଫିସର ସ୍ୱରୂପ ଶତପଥୀ, ନବନିଯୁକ୍ତ ପ୍ରୋଗ୍ରାମ ଅଫିସର ଦିବାକର ନୟାଗମ, ବରିଷ୍ଠ ପ୍ରଧାପକ ଶ୍ରୀକାନ୍ତ ରାଉତ, ଓଡ଼ିଆ ଅଧାପିକା ଚନ୍ଦନା ସାହୁ, ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ହରିଶଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ଏନଏସଏସର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସାମାଜିକ ସେବା କ୍ଷେତ୍ରରେ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ, ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୈନ ସଂଘର ସାମୂହିକ କ୍ଷମାପଣା ସମାରୋହ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ବା ଯାଜପୁର ରୋଡ୍ ଜୈନ ସଂଘର ତତ୍ତ୍ୱାବଧାନରେ ରବିବାର ଚୋରଦା ବାଇପାସ ସ୍ଥିତ 'ହୋମ୍ ଟାଉନ୍ ବିଲ୍ଡିଂ'ର କମ୍ୟୁନିଟି ହଲ୍‌ରେ ସମସ୍ତ ଜୈନ ପରିବାରଙ୍କୁ ନେଇ 'ସାମୂହିକ କ୍ଷମାପଣା ସମାରୋହ' ଅତ୍ୟନ୍ତ ଭକ୍ତିଭାବ, ଗରିମା ଓ ହର୍ଷୋଲ୍ଲାସର ସହିତ ଆୟୋଜିତ ହୋଇଥିଲା। ଏହି ପବିତ୍ର ଅବସରରେ ପ୍ରଥମେ ନବକାର ମନ୍ତ୍ରର ଜପ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସ୍ଥାନକବାସୀ, ତେରାପନ୍ଥ ଓ ଦିଗମ୍ବର ପରମ୍ପରାର ପରିବାରଗୁଡ଼ିକ ଏକତ୍ରିତ ହୋଇ ପରସ୍ପର କ୍ଷମା ପ୍ରାର୍ଥନା କରିବା ସହିତ ସମାଜରେ ଏକତା ଓ ଭାଇଚାରାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ପୋଲିସ୍ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ ଏବଂ ତାଙ୍କ ଧର୍ମପତ୍ନୀ ପଲକ ଶ୍ରୀମାଲଙ୍କ ଗରିମାମୟ ଉପସ୍ଥିତି ରହିଥିଲେ। ଉପସ୍ଥିତ ଜନସମୁଦାୟଙ୍କୁ ସମ୍ବୋଧିତ କରି ପୋଲିସ୍ ଅଧୀକ୍ଷକ ଶ୍ରୀ ଶ୍ରୀମାଲ କହିଥିଲେ, "କ୍ଷମା ବୀରମାନଙ୍କର ଆଭୂଷଣ, ଏହା କାପୁରୁଷମାନଙ୍କର କାମ ନୁହେଁ।" ଭଗବାନ ମହାବୀର ସ୍ୱାମୀ ଜୈନ ଦର୍ଶନରେ କ୍ଷମାପଣାର ଯେ ଅନୁପମ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି, ତାହା ବ୍ୟକ୍ତିକୁ ନିଜ ଭୁଲ୍‌କୁ ସୁଧାରି ସମାଜରେ ଆତ୍ମସମ୍ମାନର ସହିତ ଆଗକୁ ବଢ଼ିବାର ଦିଗ ଦେଖାଏ ବୋଲି ସେ ମତବ୍ୟକ୍ତ କରିଥିଲେ।

# ନିଶାମୁକ୍ତ ଭାରତ ଓ ସାଇବର ଅପରାଧ ସଚେତନତା



**ବରଗଡ, ନ୍ୟୁଜ୍ ବ୍ୟୁରୋ**

ଦି ଫାର୍ମାସ୍ୟୁଟିକାଲ୍ କଲେଜ, ବରପାଲି ପରିସରରେ 'ନଶା ମୁକ୍ତ ଭାରତ ଅଭିଯାନ' ଏବଂ 'ସାଇବର ଅପରାଧ ସଚେତନତା' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଦି ଫାର୍ମାସ୍ୟୁଟିକାଲ୍ କଲେଜ ବରପାଲିର ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା, ବରପାଲି ଥାନା ଆଇଆଇସି ପ୍ରମୋଦ କୁମାର ସାହୁ ଏବଂ ସାଇବର ବିଶେଷଜ୍ଞ ମଙ୍ଗଳ କିସ୍କୁ ଯୋଗଦେଇଥିଲେ। ଏଥିସହ କଲେଜର ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତାମାନେ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ, ଅନଲାଇନ୍ ଠକେଇରୁ ସୁରକ୍ଷା, ଡିଜିଟାଲ୍ ମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ସଚେତନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ସେହିପରି ନିଶାଦ୍ରବ୍ୟର କୁପ୍ରଭାବ, ଯୁବପିଢ଼ି ଉପରେ ଏହାର ପ୍ରଭାବ ଏବଂ ଏକ ନଶାମୁକ୍ତ ସମାଜ ଗଠନରେ ଯୁବସମାଜର ଭୂମିକା ଉପରେ ମଧ ଆଲୋଚନା କରାଯାଇଥିଲା। ନଶାରୁ ଦୂରେଇ ରହିବା ସହ ସାଇବର ଅପରାଧ ପ୍ରତି ସଚେତନ ହୋଇ ଡିଜିଟାଲ୍ ସୁରକ୍ଷା ନିୟମ ପାଳନ କରିବାକୁ ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ।

# ଚିକିଟିରେ ୨୦ ଅଭିଯୋଗର ତତ୍କାଳ ସମାଧାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାପାଳ ଭୀ. କୀର୍ତ୍ତିଭାସନ୍ ଏବଂ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଅଭିନବସୋନକରଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଚିକିଟି ବ୍ଲକ୍ ମୁଖ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୧୦୧ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା। ଏଥି ସହ ରେଡ୍‌କ୍ରସ ସହାୟତା ପାଇଁ ୨ଟି ଆବେଦନ ଗ୍ରହଣ କରାଯାଇଥିଲା। ଶିବିରରେ ୨୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଥିଲା। ମହାକାଳୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିହନ ଅର୍ଥ ଓ ଆବର୍ତ୍ତୀ ପାଣ୍ଠି ବାବଦରେ ୨୫ ହଜାର ଟଙ୍କା, ୬ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ଼, ୧୦ ଜଣଙ୍କୁ ରାସନ୍ କାର୍ଡ଼ ଏବଂ ୩ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଡ଼ ପ୍ରଦାନ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୩ ଜଣଙ୍କୁ ଲକ୍ଷପତି ଦିଦି ଋଣ ମଞ୍ଜୁର କରାଯାଇଥିଲା। ମତ୍ସ୍ୟ ବିଭାଗ ପକ୍ଷରୁ ଜଣେ ହିତାଧିକାରୀଙ୍କୁ ବାୟୋଫ୍ଲକ୍ ଏବଂ ଜଣେ ହିତାଧିକାରୀଙ୍କୁ ମତ୍ସ୍ୟ ପୋଖରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଥିଲା। ପଶୁ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜୀବିକା ଭିତିକ ଯୋଜନାରେ ୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆମ୍ବ ଚାଷ ପାଇଁ ୨ ଜଣ ହିତାଧିକାରୀଙ୍କୁ ସବ୍‌ସିଡ଼ି ପ୍ରଦାନ କରାଯାଇଥିଲା। ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଭିବି-ଜି ରାମ ଜି ଯୋଜନା ଅଧୀନରେ ୩ ଜଣଙ୍କୁ ନୂତନ ଜବ୍ କାର୍ଡ଼ ପ୍ରଦାନ କରାଯାଇଥିବା ବେଳେ ୪ଜଣ ହିତାଧିକାରୀଙ୍କୁ ନୂତନ ପେନସନ୍ ପ୍ରଦାନ କରାଯାଇଥିଲା। ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସକୁ ୫ଟି ଆଓଆର୍ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ୧ଟି ଗ୍ରାମକଣ୍ଠ ଆଓଆର୍ ପ୍ରଦାନ କରାଯାଇଥିଲା। ଏଥି ସହ ରେଡ୍‌କ୍ରସ୍ ପାଣ୍ଠିରୁ ୨ ଜଣ ହିତାଧିକାରୀଙ୍କୁ ମୋଟ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ୍ ଓ ସମୟବଦ୍ଧ ସମାଧାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଶୁଣାଣିରେ ଜିଲ୍ଲା ଓ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତଥିଲେ। ବ୍ରହ୍ମପୁର ଡ଼ିଏଫ୍‌ଓ ସୋନ୍ନି ଖୋଖର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ଥାନୀୟ ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତଥିଲେ।

# ପ୍ରକୃତିର ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ଓ ତା'ର ଯତ୍ନ ଏକାନ୍ତ ଅପରିହାର୍ଯ୍ୟ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦେବଦତ୍ତ କ୍ଲବ ପରିସରରେ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯିବା ସହ ଗଛର ସୁରକ୍ଷା ଓ ଯତ୍ନ ନେବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବନପାଳ ରାଜେନ୍ଦ୍ର କୁମାର ସିଂ ଯୋଗଦେଇଥିଲେ। ଦେବଦତ୍ତ କ୍ଲବର ସମ୍ପାଦକ ତଥା ପ୍ରକୃତି ବନ୍ଧୁ କାହ୍ନୁଚରଣ ମାଝୀ, ପ୍ରକୃତି ବନ୍ଧୁ ସୁଶାନ୍ତ ପଣ୍ଡା ଓ ପ୍ରକୃତି ବନ୍ଧୁ ଅଭୟ କୁମାର ତ୍ରିପାଠୀଙ୍କ ସମେତ କ୍ଲବର ସଦସ୍ୟ, ସଦସ୍ୟା ଓ ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲ ନିଆଁ ନିରାକରଣ ଭଳି ବିଭିନ୍ନ ବିଷୟ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରକୃତିର ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ସହ ରୋପଣ କରାଯାଇଥିବା ଚାରାର ନିୟମିତ ଯତ୍ନ ନେବା ମଧ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ପରେ କ୍ଲବ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଗଛ କେବଳ ପରିବେଶକୁ ସୁସ୍ଥ ଓ ସବୁଜ ରଖେ ନାହିଁ, ଏହା ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ପୃଥିବୀ ଗଢ଼ିବାର ଆଧାର ବୋଲି ମତ ପ୍ରକାଶ ପାଇଥିଲା। ବୃକ୍ଷରୋପଣକୁ କେବଳ ଏକ ଦିନର କାର୍ଯ୍ୟକ୍ରମରେ ସୀମିତ ନରଖି ନିୟମିତ ଭାବେ ଅଧିକରୁ ଅଧିକ ଗଛ ଲଗାଇବା ଏବଂ ତାହାର ସୁରକ୍ଷା କରିବାକୁ ଉପସ୍ଥିତ ସଦସ୍ୟମାନେ ସଂକଳ୍ପ ନେଇଥିଲେ। କ୍ଲବର ଏହି ପଦକ୍ଷେପକୁ ସ୍ଥାନୀୟ ଯୁବକ ଓ ପରିବେଶପ୍ରେମୀମାନେ ସ୍ୱାଗତ କରିଥିଲେ।

# ବରଗଡ଼ ଜିଲ୍ଲାରେ ୧୩୩ ଭିନ୍ନକ୍ଷମ ଚିହ୍ନଟ : ୩ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ଓ ଅଧିକାର ସମ୍ପର୍କରେ ସଚେତନ କରାଇବା ସହ ସେମାନଙ୍କ ଆବଶ୍ୟକତା ଚିହ୍ନଟ କରି ସହାୟତା ପ୍ରଦାନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା ଓ ଏବିଡିଓ ଉମାରାଣୀ ଝାଙ୍କର ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତି ଓ ସେମାନଙ୍କ ପରିବାରବର୍ଗ ଶିବିରରେ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୧୩୩ ଜଣ ହିତାଧିକାରୀ ନିଜ ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ଭିନ୍ନକ୍ଷମ ପ୍ରମାଣପତ୍ର, ଭତ୍ତା, ଆବଶ୍ୟକୀୟ ସହାୟକ ଉପକରଣ ଓ ଅନ୍ୟାନ୍ୟ ସରକାରୀ ସୁବିଧା ସମ୍ପର୍କରେ ସୂଚନା ଦିଆଯାଇ ଥିଲା। ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ ଯୋଜନାରେ ସାମିଲ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମଧ ପଦକ୍ଷେପ ନିଆଯାଇଥିଲା। ଏହି ଅବସରରେ ପ୍ରଶାସନ ପକ୍ଷରୁ ୩ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ହିତାଧିକାରୀମାନେ ଗୋଟିଏ ସ୍ଥାନରେ ବିଭିନ୍ନ ସେବା ଓ ସରକାରୀ ସୁବିଧା ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିବାରୁ ଶିବିରକୁ ଉପଯୋଗୀ ବୋଲି ପ୍ରକାଶ କରିଥିଲେ। ବ୍ଲକ ପ୍ରଶାସନର ଏହି ପଦକ୍ଷେପକୁ ଉପସ୍ଥିତ ହିତାଧିକାରୀ ଓ ଅଭିଭାବକମାନେ ସ୍ୱାଗତ କରିଥିଲେ। ଶିବିରକୁ ସଫଳ କରିବାରେ ବ୍ଲକ ପ୍ରଶାସନର କର୍ମଚାରୀ ମାନେ ସହଯୋଗ କରିଥିଲେ।




# ଆତ୍ମନିର୍ଭର ପଥରେ ଆଗକୁ ବଢୁଛି ମା' ସୁରେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ମା' ସୁରେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ସୋନପୁର ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମପଞ୍ଚାୟତର ଏକ ୧୦ ଜଣ ସଦସ୍ୟା ବିଶିଷ୍ଟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଏହି ଗୋଷ୍ଠୀ ୨୦୧୮ ମସିହାରେ ଗଠିତ ହୋଇ ନିୟମିତ ସଞ୍ଚୟ, ଋଣ ଓ ଜୀବିକାମୂଳକ କାର୍ଯ୍ୟକଳାପ ମାଧ୍ୟମରେ ଧୀରେ ଧୀରେ ଆତ୍ମନିର୍ଭରତାର ପଥରେ ଆଗକୁ ବଢ଼ିଛି। ଉଦ୍ୟାନ କୃଷି ବିଭାଗ ଓ ମିଶନ ଶକ୍ତି ବିଭାଗର ସମନ୍ୱୟରେ ଗୋଷ୍ଠୀର ସଦସ୍ୟାମାନେ ଛତିଶଗଡ଼ରେ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ନିଜ ଅଞ୍ଚଳରେ ଛତୁ ଚାଷ ଆରମ୍ଭ କରି ଗୋଷ୍ଠୀ ଏକ ନୂତନ ଜୀବିକାର ଦ୍ୱାର ଖୋଲିପାରିଛି। ବର୍ତ୍ତମାନ ଗୋଷ୍ଠୀ ପକ୍ଷରୁ ୧୬୦ଟି ଛତୁ ବେଡ୍ ପ୍ରସ୍ତୁତ କରାଯାଇଛି। ଏଥିରୁ ପ୍ରତିଦିନ ପ୍ରାୟ ୧୧ କିଲୋଗ୍ରାମ ଛତୁ ଉତ୍ପାଦନ ହେଉଛି। ପ୍ରତି କିଲୋଗ୍ରାମ ଛତୁ ପ୍ରାୟ ୩୦୦ ମୂଲ୍ୟରେ ବିକ୍ରୟ ହେଉଥିବାରୁ ଦୈନିକ ମୋଟ ବିକ୍ରୟ ପ୍ରାୟ ୩,୩୦୦ ହେଉଛି। ଏହି ହିସାବରେ ୩୦ ଦିନର ଉତ୍ପାଦନ ଓ ବିକ୍ରୟ ଧରିଲେ ମାସିକ ମୋଟ ବିକ୍ରୟ ପ୍ରାୟ ୯୯,୦୦୦ ହେଉଅଛି। ଗୋଷ୍ଠୀ ଏହି ଉଦ୍ୟମକୁ ଆହୁରି ବ୍ୟାପକ କରିବା ପାଇଁ ୮.୦୦ ଲକ୍ଷ ବ୍ୟାଙ୍କ ଋଣ ଗ୍ରହଣ କରିଛି ଏବଂ ଋଣ ଉପରେ ୩୨,୫୫୨ ସୁଧ ସବସିଡି ଲାଭ କରିଛି। ଏହି ଆର୍ଥିକ ସହାୟତା ଗୋଷ୍ଠୀର ଉଦ୍ୟମକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହୋଇଛି। ଏହି ଉଦ୍ୟମର ସବୁଠାରୁ ବଡ଼ ସଫଳତା କେବଳ ଆୟ ସୃଷ୍ଟି ନୁହେଁ, ବରଂ ଏହି ଆୟ ସଦସ୍ୟାମାନଙ୍କ ପରିବାରର ବାସ୍ତବ ଆବଶ୍ୟକତା ପୂରଣରେ ବ୍ୟବହୃତ ହେଉଛି। ଗୋଷ୍ଠୀର ବିଭିନ୍ନ ସଦସ୍ୟା ଛତୁ ଚାଷରୁ ମିଳୁଥିବା ଆୟକୁ ନିଜ ଓ ପରିବାରର ଚିକିତ୍ସା ଖର୍ଚ୍ଚ, ପିଲାମାନଙ୍କ ପାଠପଢ଼ା, ଘରୋଇ ଆବଶ୍ୟକତା ଓ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ପୂରଣରେ ବ୍ୟବହାର କରୁଛନ୍ତି। ଫଳରେ ଛତୁ ଚାଷ ସେମାନଙ୍କ ପାଇଁ କେବଳ ଏକ ଜୀବିକା ନୁହେଁ, ବରଂ ପରିବାରର ଆର୍ଥିକ ସୁରକ୍ଷାର ଏକ ମାଧ୍ୟମ ପାଲଟିଛି। ମା' ସୁରେଶ୍ୱରୀ ଏବେ କ୍ଷୁଦ୍ର ଉଦ୍ୟମରୁ ଏକ ବୃହତ୍ ଛତୁ ଉତ୍ପାଦନ ୟୁନିଟ୍ ସ୍ଥାପନ ଦିଗରେ ନିଜର ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। ନୂତନ ପ୍ରଯୁକ୍ତି, ଉନ୍ନତ ପ୍ରଶିକ୍ଷଣ ଓ ବଜାର ସୁଯୋଗର ସଦୁପଯୋଗ କରି ଉତ୍ପାଦନ ବୃଦ୍ଧି କରିବା ସହ ଅଧିକ ଆୟ ସୃଷ୍ଟି କରିବା ଗୋଷ୍ଠୀର ଆଗାମୀ ଲକ୍ଷ୍ୟ। ମା' ସୁରେଶ୍ୱରୀ ଏହି ଯାତ୍ରା ଦର୍ଶାଉଛି ଯେ, ଉପଯୁକ୍ତ ପ୍ରଶିକ୍ଷଣ, ବିଭାଗୀୟ ସମନ୍ୱୟ, ବ୍ୟାଙ୍କ ଋଣ ଓ ମହିଳାମାନଙ୍କ ଦୃଢ଼ ଇଚ୍ଛାଶକ୍ତି ଏକାଠି ହେଲେ ଏକ ସାଧାରଣ ମଧ ଏକ ସଫଳ ଉଦ୍ୟମରେ ପରିଣତ ହୋଇପାରେ। ଆତ୍ମନିର୍ଭରତାରୁ ବଡ଼ ସ୍ୱପ୍ନ ଦିଗରେ ଆଗକୁ ବଢୁଥିବା ଏହି ଗୋଷ୍ଠୀ ଅନ୍ୟ ମହିଳାମାନଙ୍କ ପାଇଁ ମଧ ଏକ ପ୍ରେରଣାଦାୟକ ଉଦାହରଣ।

# ଓଡ଼ିଆ ସଂସ୍କୃତିରେ ଭାଗବତ ପଠନର ଉପାଦେୟତା

**ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ପୁନଙ୍ଗ ସ୍ଥିତ ସିଦ୍ଧ ବାରଙ୍ଗ ଡିଗ୍ରୀ କଲେଜ ତରଫରୁ ଭାଗବତ ଜନ୍ମ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ର ବୈଠକ ରେ 'ଓଡ଼ିଆ ସଂସ୍କୃତିରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଶ୍ରୀମଦ ଭାଗବତ' ଆୟୋଜିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅମୀୟ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଧାତ୍ମିକ ଶିକ୍ଷାବିତ୍ ଶୁଭକାନ୍ତ ଦାସ ଯୋଗଦେଇ ପିଲାମାନଙ୍କୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରାଇଥିଲେ। ଇଁରାଜୀ ଅଧ୍ୟାପକ ଦେବଦତ୍ତ ବେହେରା ଭାଗବତ କିପରି ସୃଷ୍ଟି ହୋଇଥିଲା ଏବଂ ସେଥିରେ ଜଗନ୍ନାଥ ଦାସଙ୍କ ଭୂମିକାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଓଡ଼ିଆ ଅଧ୍ୟାପିକା ଜ୍ୟୋତିର୍ମୟୀ ପୂଝରୀ ପିଲାମାନଙ୍କୁ ଓଡ଼ିଆ ସଂସ୍କୃତିରେ ଭାଗବତ ପଠନର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଭିକାରି ଚରଣ ବେହେରା ଆଜିର ସମାଜରେ ଭାଗବତ ପଠନ ଦ୍ୱାରା ପିଲାମାନେ ଭଲ ମଣିଷ ହୋଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟାପିକା ସ୍ମୃତି ସ୍ମରଣିକା ବିଶ୍ୱାଳ, ଶୁଭସ୍ମିତା ଖଣ୍ଡୁଆଳ, ସ୍ମୃତି ଲାବନ୍ୟବତୀ ପରିଜା, କନକ ଲତା ଦାସ, କଳ୍ପନା ସାହୁ, ଅଧ୍ୟାପକ ଦେବାଶିଷ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ବର୍ଷା ପ୍ରିୟଦର୍ଶିନୀ ମୁଦୁଲି, ଶ୍ରୀତାଞ୍ଜଳି ବେହେରା, ଆଦ୍ୟାଶା ସ୍ୱାଇଁ ପ୍ରଭୃତି ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ।



# ଗଜଲକ୍ଷ୍ମୀ ପୂଜା ପାଇଁ କର୍ମକର୍ତ୍ତା ଚୟନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ୫୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ଦିନ ସିତଲାଇ କଲ୍ୟାଣ ମଣ୍ଡପ, ଘୋଡ଼ାଘାଟପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଆଲୋଚନା ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଆଶିଷ କୁମାର ନାୟକ, ସମ୍ପାଦକ ପଦ୍ମଲୋଚନ ମହଲା, ଉପ ସଭାପତି ଶିବଦତ୍ତ ପୂଜାହାରୀ କୋଷାଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ସଂସ୍କୃତି ସମ୍ପାଦକ ଅଭିଷେକ ପଣ୍ଡାଙ୍କୁ ଚୟନ କରାଯାଇଥିଲା ଉପଦେଷ୍ଟା କମିଟି ସଦସ୍ୟରେ ଶ୍ରୀବତ୍ସ ମଲ୍ଲିକ, ହିମାଂଶୁ ଶତପଥୀ, ଭିକାରୀ ଗୁରୁ, ଟୁନା ଦାସ, ପ୍ରଭାତ କିଶୋର ଦାନି, ଯଶୋବନ୍ତ ମହଲା, ସୋମନାଥ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ମୃତ୍ୟୁଞ୍ଜୟ ବକ୍ସି ଗତ ବର୍ଷ ଭଳି ଏ ବର୍ଷ ମଧ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସ୍ଥିର କରାଯାଇ ଥିଲା। ସମସ୍ତଙ୍କ ସହଯୋଗରେ ରାମ ମେହେର, ସତ୍ୟଜିତ୍ ସାହୁ, ତାପସ ରଞ୍ଜନ ମହାନ୍ତି, ସୁମିତ୍ ପୂଜାହାରୀ, ତ୍ରିଲୋଚନ ପାଣଗ୍ରାହୀ, ଶ୍ରୀକାନ୍ତ ମହାନ୍ତି ଶେଷରେ ସମ୍ପାଦକ ପଦ୍ମଲୋଚନ ମହଲା ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

# କ୍ୟାରିୟର କାଉନ୍‌ସେଲିଂ ଓ ବ୍ୟକ୍ତିତ୍ୱ ବିକାଶ ସଚେତନତା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟରେ 'କ୍ୟାରିୟର କାଉନସେଲିଂ ଓ ବ୍ୟକ୍ତିତ୍ୱ ବିକାଶ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଶକ୍ତିଶ୍ରୀ ଏମ୍ପାୱାରମେ ସେଲ୍, କ୍ୟାରିୟର କାଉନସେଲିଂ ଓ ପ୍ଲେସମେ□ ସେଲ୍‌ର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପଶୁପତି ଏଗ୍ରୋଭେଟ୍ କମ୍ପାନୀର ପରାମର୍ଶଦାତା କ୍ୟାପଟେନ୍ ଏନ୍.କେ. ରାଉତ ଯୋଗଦେଇ କ୍ୟାରିୟର ଯୋଜନା, ବୃତ୍ତିଗତ ସୁଯୋଗ, ଲକ୍ଷ୍ୟ ନିର୍ଦ୍ଧାରଣ ଓ ଉପଯୁକ୍ତ କ୍ୟାରିୟର ଚୟନ ଆଦି ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡଃ. ହରପ୍ରିୟା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ଡଃ. ପ୍ରଫୁଲ୍ଲ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଅଧାପିକା ସସ୍ମିତା ଭୂୟାଁ କ୍ୟାରିୟର ସଚେତନତା ଓ ଆତ୍ମବିଶ୍ୱାସ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତିଶ୍ରୀ ଏମ୍ପାୱାରମେ□ସେଲ୍ ସଂଯୋଜିକା ଅଧାପିକା ବନିତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଅଧାପିକା ଶିଳ୍ପାଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ୧୫୩ ବରିଷ୍ଠ ନାଗରିକଙ୍କ ଶ୍ରୀକ୍ଷେତ୍ର ଯାତ୍ରା



**କେନ୍ଦ୍ରାପଡ଼ା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତରେ ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସରପଞ୍ଚ ସଂଘର ପୂର୍ବତନ ସଭାପତି ତଥା କଂସାର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କଂସାର ପଞ୍ଚାୟତର ୧୫୩ ଜଣ ବରିଷ୍ଠ ନାଗରିକ ମାନଙ୍କୁ ନେଇ ୪ଗୋଟି ବସ୍ ପୁରୀ ଅଭିମୁଖେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ସକାଳ ୬ଟାରୁ ଆରମ୍ଭ ସ୍ଥାନରେ ପଞ୍ଚାୟତର ବହୁବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ମହିଳା ଓ ଶୁଭେଚ୍ଛୁମାନେ ପ୍ରମୁଖ ଉପସ୍ଥିତ ରହି ସରପଞ୍ଚ ଶ୍ରୀ ଜେନାଙ୍କୁ ପ୍ରଶଂସା କରିବାସହ ତୀର୍ଥଯାତ୍ରାରେ ଯାଉଥିବା ବରିଷ୍ଠ ନାଗରିକମାନଙ୍କୁ ଉତ୍ସାହିତ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଯାତ୍ରା କରୁଥିବା ବରିଷ୍ଠ ନାଗରିକମାନଙ୍କ ପାଇଁମହାପ୍ରଭୁଙ୍କ ଆନନ୍ଦ ବଜାରରେ ପହଁଚିବା ପୂର୍ବରୁଚା, ଜଳଖିଆ, ବିସ୍କୁଟ, ଫଳ ଇତ୍ୟାଦି ସହ ପୁରୁଷମାନଙ୍କ ପାଇଁଯୋଡ ଓ ମହିଳା ମାନଙ୍କ ପାଇଁ ଶାଢୀର ବ୍ୟବସ୍ଥା କରାଯାଇଛି। ସେଠାରେ ପହଁଚିବା ପରେ ମହାପ୍ରଭୁଙ୍କ ଦର୍ଶନ ସାରି ମହାପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂସାର ପଞ୍ଚାୟତର ସୁଶାନ୍ତ ମହାପାତ୍ର, ସନ୍ତୋଷ ଜେନା, ରବିନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବେହେରା, ଅଜୟ ଜେନା, ବିଜୟ କୁମାର ମୁଦୁଲି, ରାଜୀବ ଲୋଚନ ବାରିକ, ଦୀପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।





# ଲିଙ୍ଗିପୁରରୁ ବାଙ୍କୁଆଳ ଦୟାନଦୀ ସୁରକ୍ଷା ପଦଯାତ୍ରା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗାନ୍ଧୀ ଜୟନ୍ତୀ ଅବସରରେ ଦୟା ନଦୀ ପଦ ଯାତ୍ରା ଲିଙ୍ଗିପୁର୍ ଛକଠାରୁ କୁଆଖିଆ, ଦୟା ଓ ଭାର୍ଗବୀ ମିଳନ ସ୍ଥଳ ପର୍ଯ୍ୟନ୍ତ ଆୟୋଜିତ ହୋଇଛି । ମହାନଦୀ ବଞ୍ଚାଅ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, କଳିଙ୍ଗ ସଂସ୍କୃତି ଓ ଐତିହ ସୁରକ୍ଷା ଆସୋସିଏସନ୍, ଟ୍ରାଭେଲ ଏଜେଣ୍ଟ ଆସୋସିଏସନ୍ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ନଦୀ ପଦଯାତ୍ରା ଲିଙ୍ଗିପୁର୍ ଠାରୁ ବାଙ୍କୁଆଳ ପର୍ଯ୍ୟନ୍ତ ଯାତ୍ରା କରି ଥିଲା ଅପରାହ୍ନ ୪ ଘଟିକା ସମୟରେ । ମହାନଦୀ ତଥା ଏହାର ଶାଖା ନଦୀ ଦାୟର ସୁରକ୍ଷା ପାଇଁ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା । ସମ୍ପ୍ରତି ଖରାଦିନେ ଦୟାନଦୀ ଅବସ୍ଥା ଶୋଚନୀୟ ହୋଇଯାଏ। ଏଥିରେ ଆଗ ଭଳି ଆଉ ପାଣି ରହେନାହିଁ । ଭୁବନେଶ୍ୱର ସମସ୍ତ ମଇଳା ଓ ଆବର୍ଜନାକୁ ନେଇ ଗଙ୍ଗୁଆ ଦୟା ନଦୀରେ ନିକ୍ଷେପ କରିବା ଯୋଗୁଁ ଦୟା ପ୍ରବଳ ଭାବରେ ପ୍ରଦୂଷିତ ହୁଏ । ଲୋକମାନେ ମଧ୍ୟ ନଦୀ ଭିତରକୁ




ଅଳିଆ ଆବର୍ଜନା ନିକ୍ଷେପ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ନଦୀ ହେଉଛି ସମାଜ ଓ ଜୀବଜଗତର ଜୀବନରେଖା। ଏହାର ସୁରକ୍ଷା ଉପରେ ନିର୍ଭର କରେ ପ୍ରତ୍ୟେକଟି ଜୀବନ । ତେଣୁ ଏହାର ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଜରୁରୀ । ଏହି ବାର୍ତ୍ତା ଦେବା ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବିଶିଷ୍ଟ ସମାଜସେବୀ ତଥା କୋପୋକର ସଭାପତି ସଂଗ୍ରାମ ପାଇକରାୟ, ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଗିରିଜା ଶଙ୍କର ଦାଶଙ୍କ ସମେତ ଟିଓଏଆଇର ଅନେକ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ଏହି ପଦଯାତ୍ରା କାର୍ଯ୍ୟକ୍ରମ ଲିଙ୍ଗିପୁର ୟୁଥ ଗ୍ରୁପର ସଦସ୍ୟ ବିଜୟ ସାମନ୍ତରାୟ, ଦୁର୍ଗାମାଧବ ଦାଶ, ଦିଲ୍ଲୀପ ସାମନ୍ତରାୟ, ରାଜେଶ ମହାନ୍ତି, ଅଶୋକ ଓଝା, ବିଜୟ ସାହୁ, କ୍ଷେତ୍ରମୋହନ ରାଉତ, ଅରୁଣ ସେଠି, ଅଭିଷେକ ସାମନ୍ତରାୟ, ନୀତିଶ ସାମନ୍ତରାୟ, ଶୁଭମ ପଣ୍ଡା, ଅଜୟ ଓଝା, ଅଶୋକ ହରି, ଦୀନେଶ ନାୟକ ଓ ବାମଦେବ ଗଜେନ୍ଦ୍ରଙ୍କ ସକ୍ରିୟ ସହଯୋଗରେ ସମ୍ପନ୍ନ ହୋଇଥିଲା ।

# ୩୦୦ ଶଯ୍ୟା ବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟର ପୂର୍ଣ୍ଣ କାର୍ଯ୍ୟକ୍ଷମତା ନେଇ ପଦକ୍ଷେପ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ଦୀର୍ଘଦିନର ଅପେକ୍ଷା ଓ ବର୍ଷେରୁ ଅଧିକ ସମୟର ନିରନ୍ତର ପ୍ରଚେଷ୍ଟା ପରେ ବୌଦ୍ଧର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଧୀରେଧୀରେ ପୂର୍ଣ୍ଣ କାର୍ଯ୍ୟକ୍ଷମତା ଦିଗରେ ଆଗେଇଛି । ନୂତନ କୋଠା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହେବାସହ ଏଠାରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଚିକିତ୍ସା ସେବା ଆରମ୍ଭ ହୋଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ପୂର୍ବରୁ ନୂତନ ଚିକିତ୍ସାଳୟର ନିର୍ମାଣ ଓ ଉଦ୍‌ଘାଟନ ସରିଥିଲେ ମଧ୍ୟ ଏହା ଦୀର୍ଘ ସମୟ ଧରି ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ସେବାରେ ନିୟୋଜିତ ହୋଇପାରିନଥିଲା । ୩୦୦ ଶଯ୍ୟା ବିଶିଷ୍ଟ ଆଧୁନିକ ଚିକିତ୍ସାଳୟ ଥାଇ ମଧ୍ୟ ଜିଲ୍ଲାବାସୀ ଆଶାନୁରୂପ ସ୍ୱାସ୍ଥ୍ୟସେବା ପାଇପାରୁନଥିଲେ। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ସମୟରେ ଜିଲ୍ଲାବାସୀଙ୍କ




ପକ୍ଷରୁ ଦାବି ଉଠିଥିଲା । ଗତ ସ୍ୱାଧୀନତା ଦିବସ ଅବସରରେ ନୂତନ ଚିକିତ୍ସାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ହେବା ସହ ଫିଜିଓଥେରାପି, ଚକ୍ଷୁ, ଦନ୍ତ ଓ ଇଏନ୍‌ଟି ବିଭାଗ ଖୋଲାଯାଇଥିଲା । ଏହାକୁ ଚିକିତ୍ସାଳୟର ପୂର୍ଣ୍ଣ କାର୍ଯ୍ୟକ୍ଷମତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଇଥିଲା । ବର୍ତ୍ତମାନ ନୂତନ କୋଠା କାର୍ଯ୍ୟକ୍ଷମ ହେବା ନେଇ ବୌଦ୍ଧ ନାଗରିକ କମିଟି ପକ୍ଷରୁ ମଧ୍ୟ ଖୁସିବ୍ୟକ୍ତ କରାଯାଇଛି । କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ନୂତନ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ପରିପେକ୍ଷୀରେ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି କହିଥିଲେ ଯେ, ଦୀର୍ଘ ୧ ବର୍ଷ ୧ ମାସ ଧରି ନିରନ୍ତର ସଂଘର୍ଷ ଓ ପ୍ରଚେଷ୍ଟା ପରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ କୋଠା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇ କାର୍ଯ୍ୟକ୍ଷମ ହୋଇପାରିଛି । ଏହା ଜିଲ୍ଲାବାସୀଙ୍କ ଦୀର୍ଘଦିନର ଆଶା ଓ ଦାବିର ପରିଣାମ । ଏହି ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ଫଳରେ ଆଗାମୀ ଦିନରେ ଛୋଟବଡ଼ ଚିକିତ୍ସା ପାଇଁ ଜିଲ୍ଲାବାସୀଙ୍କୁ ଆଉ ଅନ୍ୟ ଜିଲ୍ଲାକୁ ଯିବାର ଆବଶ୍ୟକତା ପଡିବ ନାହିଁ ବୋଲି ଆଶା କରାଯାଉଛି । ଏହି ଦୀର୍ଘ ପ୍ରଚେଷ୍ଟାକୁ ସଫଳ କରିବାରେ ସହଯୋଗ ଓ ସକ୍ରିୟ ଭୂମିକା ତୁଲାଇଥିବା ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନାଗରିକ କମିଟି ତରଫରୁ କୃତଜ୍ଞତା ଜଣାଇଛି । ସାମ୍ବାଦିକ ସମ୍ମିଳନୀରେ କମିଟି ବୌଦ୍ଧ ପଞ୍ଚାୟତ କଲେଜର ପ୍ରାକ୍ତନ ଅଧକ୍ଷ ଉମ୍ବରୁଧର ଭୋଇ,ସଦସ୍ୟ ରଘୁନାଥ ଷଡ଼ଙ୍ଗୀ, ଶ୍ୟାମ ସୁନ୍ଦର ମହାପାତ୍ର, ସଞ୍ଜିବ ମହାକୁଡ, ଆଦିତ୍ୟ ମିଶ୍ର, ରଶ୍ମିରଞ୍ଜନ ସାହୁ, ଧବଳେଶ୍ୱର ମହାପାତ୍ରଙ୍କ ସମେତ ବହୁସଂଖ୍ୟାରେ ନାଗରିକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଧର୍ମଶାଳା, ନ୍ୟୁଜ ବ୍ୟୁରୋ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଅକ୍ଟୋବର ୨ ତାରିଖରୁ ହେଉଥିବା ବିଜେଡିର ଜନ ସମ୍ପର୍କ ପଦଯାତ୍ରା ରବିବାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତ ରାୟଙ୍କ ନେତୃତ୍ୱରେ ଜେନାପୁର ଗ୍ରାମ ପଞ୍ଚାୟତର ମେଡିକାଲ ବଜାର ଠାରୁ ଆରମ୍ଭ ହୋଇ ସିଦ୍ଧେଶ୍ୱର ମନ୍ଦିର ଠାରେ ଶେଷ ହୋଇଥିଲା । ଏହି ପଦଯାତ୍ରା ମଧ୍ୟାହ୍ନ ୧୨ ଟା ୩୦ ମିନିଟ୍‌ରୁ ଆରମ୍ଭ ହୋଇ ଦିବା ୨ ଘଟିକାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ପ୍ରଣବ ବଳବନ୍ତ ରାୟଙ୍କ ସାଙ୍ଗରେ ଶତାଧିକ ଲୋକ ସାମିଲ ହୋଇ ଚାଲି ଚାଲି ଯାଇଥିଲେ। ଗାଁରେ ଚାଲିବା ସମୟରେ ଲୋକମାନଙ୍କର ସୁବିଧା ଅସୁବିଧା ବିଷୟରେ ପୂର୍ବତନ ବିଧାୟକ ପଚାରି ବୁଝିଥିଲେ । ଉକ୍ତ ସଭାକୁ ସଭାପତିତ୍ୱ କରିଥିଲେ ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି ପ୍ରସନ୍ନ ରାଉତ ଓ ଅନ୍ୟମାନଙ୍କ ମଧ୍ୟରେ ଜୋନ–୧୨ ସଂଯୋଜକ ପ୍ରହ୍ଲାଦ ପାତ୍ର, ଜେନାପୁର ଗ୍ରା.ପ. ର ବିଜେଡି ସଭାପତି ସୟ ନାୟକ, ବରିଷ୍ଠ କର୍ମୀ ଅଶୋକ ସାହୁ, ରାଜକିଶୋର ମହାନ୍ତି, ଶ୍ୟାମସୁନ୍ଦର ପାତ୍ରଙ୍କ ସମେତ ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳାଙ୍କ ସହିତ ବିଜୁ ଜନତା ଦଳକୁ ଭଲ ପାଉଥିବା ଶତାଧିକ କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇ ପଦଯାତ୍ରାକୁ ସଫଳ କରାଇଥିଲେ ।



# ଯୋଗ୍ୟ ନାଗରିକଙ୍କ ପାଇଁ ଭୋଟର ତାଲିକାରେ ନାମ ସାମିଲ କରାଯିବ : ଜିଲ୍ଲାପାଳ

ବାଲେଶ୍ୱର, ନ୍ୟୁଜ

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)–୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବାଲେଶ୍ୱର ଜିଲ୍ଲାର ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅକ୍ଟୋବର ୧ ତାରିଖରୁ ଅବ୍ୟାହତ ରହିଛି । ଏଥିପାଇଁ ଜିଲ୍ଲାର ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ–୬ ମାଧ୍ୟମରେ ସେମାନଙ୍କର ବିଏଲଓଙ୍କ ନିକଟରେ ଆବେଦନ କରିପାରିବେ। ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ–୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ । ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ–୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର–୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଜିଲ୍ଲାର ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ–୬ ଦାଖଲ କରିପାରିବେ । ତେବେ, କେବଳ ଫର୍ମ–୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ । ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ । ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ । ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ । ଏଥିସହିତ, ଫର୍ମ–୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି । ତେଣୁ, ବାଲେଶ୍ୱର ଜିଲ୍ଲାର ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ–୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ବୋଲି ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିବୃତିରେ ଦର୍ଶାଯାଇଛି ।

# ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲ୍ଲାର ବ୍ୟାସନଗର ସହର ମହାଭାରତ ରଚୟିତା ମହର୍ଷି ବ୍ୟାସଦେବଙ୍କ ନାମାନୁସାରେ ନାମିତ । ଏଠାରେ ପ୍ରସିଦ୍ଧ ବ୍ୟାସ ସରୋବର ଓ ବ୍ୟାସଦେବ ମନ୍ଦିର ରହିଛି, ଯାହା ଆମ ସଂସ୍କୃତି ଓ ପୌରାଣିକ ଐତିହ୍ୟର ପ୍ରତୀକ । ମାତ୍ର ଦୁଃଖର ବିଷୟ ଯେ, ସହରର ପ୍ରବେଶ ଦ୍ୱାର କିମ୍ବା ମୁଖ୍ୟ ଛକରେ ମହର୍ଷି ବ୍ୟାସଦେବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇନାହିଁ । ବ୍ୟାସନଗର ଏକ ଶିଳ୍ପ ନଗରୀ ହେବା ସହିତ ଏହାର ଏକ ଗଭୀର ସାଂସ୍କୃତିକ ପରିଚୟ ରହିଛି । ମହର୍ଷି ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲେ ବ୍ୟାସନଗରର ସାଂସ୍କୃତିକ ପରିଚୟ ସୁଦୃଢ଼ ହେବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ । ଏଥିପାଇଁ କୋରେଇର ଯୁବନେତା ବିକ୍ରମ ବିଶ୍ୱାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ବ୍ୟାସନଗରର ପ୍ରବେଶ ପଥ ଟାଉନ ହଲ ନିକଟରେ ମହର୍ଷି ବ୍ୟାସଦେବଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ସାହାରବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଏହାକୁ ଗ୍ରନ୍ଥାଗାର କମିଟିକୁ ପଠାଯାଇ ଅନୁମୋଦନ ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମହୋଦୟ ପ୍ରତିଶୃତି ଦେଇଛନ୍ତି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ପାଣିକୋଇଲି ଠାରେ ନିର୍ମିତ ଟ୍ରମା କେଆର ସେଣ୍ଟରକୁ ତୁରନ୍ତ ଖୋଲିବା ପାଇଁ ଯୁବନେତା ବିଶ୍ୱାଳ



ଦାବିପତ୍ର ପ୍ରଦାନ କରିଛନ୍ତି । ସଡକରେ ଦୁର୍ଘଟଣା ଫଳରେ ପ୍ରଥମ ୧ ଘଣ୍ଟା ବା ଗୋଲଡେନ ଆୱାର୍‌ରେ ଆହତ ମାନେ ସେବା ନ ପାଇ ପାରି ମୃତ୍ୟୁ ବରଣ କରୁଛନ୍ତି, ସେଥିପାଇଁ ଯଥାଶୀଘ୍ର ଖୋଲିବାର ଆବଶ୍ୟକତା ଅଛି ବୋଲି ଶ୍ରୀବିଶ୍ୱାଳ ମନ୍ତ୍ରୀଙ୍କୁ ଜଣାଇଥିଲେ । ଏହାକୁ ଯଥାଶୀଘ୍ର ଖୋଲାଯିବାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି ।

## କେନ୍ଦ୍ରାପଡା ପୌର ପରିଷଦ ବୈଠକ

# ଗଜଲକ୍ଷ୍ମୀ ପୂଜା ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସହରକୁ ସରସ ସୁନ୍ଦର କରିବାକୁ ନିଷ୍ପତ୍ତି

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

ରାଜ୍ୟର ଅନ୍ୟତମ ପୁରୁଣା ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌର ପରିଷଦ ସାଧାରଣ ବୈଠକ ପୌର ଅଧକ୍ଷା ସରୀତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡାର ଲୋକପ୍ରିୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାଂସଦଙ୍କର ପ୍ରତିନିଧି ମହମ୍ମଦ ସଲ୍ଲିମ୍ ଖାଁ, ଉପାଧକ୍ଷ ଆକବରୀ ଖାତୁନ୍, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, କାଉନ୍‌ସିଲର ନିରାକାର ସ୍ୱାଇଁ, ସ୍ୱାଧୀନ କୁମାର ନାୟକ, ସେକ୍ ଅସଲାମ୍, ଫର୍ଜନା ବେଗମ୍‌ଙ୍କ ସମେତ ସମସ୍ତ କାଉନ୍‌ସିଲର, ଜେଇ, ଏମ୍‌ଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଓଡିଶାର ପ୍ରସିଦ୍ଧ କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶହେ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ସରସ ସୁନ୍ଦର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ




କରିବା ସହିତ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସରକାରଙ୍କଠାରୁ ସ୍ୱଚ୍ଛତା ପାଇଁ ଆସିଥିବା ନୂତନ ନିୟମ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରାଯାଇଛି । ଶୁଖିଲା ଅଳିଆ, ଓଦା ଅଳିଆ ଏବଂ ପୌରାଞ୍ଚଳର ପ୍ରତ୍ୟେକ ଘରୁ କିଭଳି ଭାବରେ ଅଳିଆ ଆବର୍ଜନା ଗୁଡିକ ପୃଥକ ପୃଥକ ଭାବେ ସଂଗ୍ରହ କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଛି । ଓଡିଶା ପ୍ରସିଦ୍ଧ କେନ୍ଦ୍ରାପଡାର ଗଜଲକ୍ଷ୍ମୀ ପୂଜା ପୂର୍ବରୁ ୨୧ ଗୋଟି ୱାର୍ଡର ରାସ୍ତା ସହିତ ସହରର ମୁଖ୍ୟ ରାସ୍ତାକୁ ମରାମତି ଏବଂ ବିଭିନ୍ନ ସ୍ଥାନରେ ନୂତନ ରାସ୍ତା ତିଆରି କରିବା ପାଇଁ ପୌରସଂସ୍ଥାର ଏହି ପୌର ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥି ସହିତ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗଙ୍କୁ ପୂଜା ପୂର୍ବରୁ ସମସ୍ତ ରାସ୍ତା ଗୁଡିକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗଜଲକ୍ଷ୍ମୀ ପୂଜା ଭସାଣିରେ ମେଢ ବିସର୍ଜନ ପାଇଁ ପୋଖରୀ ଓ ନଈରେ ମେଢକୁ ତଳକୁ ନେଇ ବିସର୍ଜନ କରିବାପାଇଁ ରାସ୍ତା ସହିତ ପହଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପୂଜାରେ ସ୍ୱତନ୍ତ୍ର ଭାବେ ସଫେଇ କରିବା ସହିତ ସହରକୁ ସରସ ସୁନ୍ଦର କରିବା ପାଇଁ ପୌରସଂସ୍ଥା ତରଫରୁ ୭ଦିନ ପୁରୁଣା ବସଷ୍ଟାଣ୍ଡଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ୨୧ ଗୋଟି ୱାର୍ଡର ଗଳିକନ୍ଦି ରାସ୍ତାରେ ଆଲୋକୀକରଣ କରିବାକୁ ଗୁରୁତ୍ୱ ଦିଆଯାଇଛି । ପୌରାଂଚଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଳିଆ, ଆବର୍ଜନା ସହ ଗଛ ଗୁଡିକୁ କାଟି ସଫା କରିବା ପାଇଁ ସ୍ଥିର ହୋଇଛି । ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ଥାୟୀ ଓ ଅସ୍ଥାୟୀ ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ କରି ଜଳ ସଂଯୋଗ କରିବା ପାଇଁ ଆଲୋଚନା କରାଯାଇଛି । ଏଥିସହିତ ୨୧ ଗୋଟି ୱାର୍ଡରେ ଗଜଲକ୍ଷ୍ମୀ ପୂଜାରେ ଆସୁଥିବା ଥଣ୍ଡା ପାନିୟ ଜଳ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି । ପୌରସଂସ୍ଥାର ୨୧ ଗୋଟି ୱାର୍ଡରେ ପୂଜା ମଣ୍ଡପ ଗୁଡିକରେ ଆବର୍ଜନା କୁଣ୍ଡ (ଡଷ୍ଟବିନ୍) ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପୌରାଞ୍ଚଳର ଏବଂ ଆଖପାଖ ଅଞ୍ଚଳରେ ଥିବା ପାନୀୟ ଜଳ ଟ୍ୟାଗ୍ ଗୁଡିକରେ ପୂଜା ସମୟରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଇବାକୁ ବିଧାୟକ ଜନସ୍ୱାସ୍ଥ୍ୟ ବିଭାଗ (ପି.ଏଚ୍.ଡି)କୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ପୌରସଂସ୍ଥାର ସମସ୍ତ କାଉନ୍‌ସିଲର, କର୍ମଚାରୀ, ସଫେଇ ସାଥୀ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକଙ୍କ ସୁସ୍ଥ ବାର୍ଦ୍ଧକ୍ୟ ଉପରେ ଗୁରୁତ୍ୱାରୋପ




ରାଉରକେଲା, ନ୍ୟୁଜ୍

ଗତ ୧ ତାରିଖ ରେ ସୁନ୍ଦରଗଡ଼ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବୟସ୍କ ନାଗରୀକ ଦିବସ ସ୍ଥାନୀୟ ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ "ଏକ ପେଡ୍ ମା କେ ନାମ୍ ୩.୦" ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁଶ୍ରୀ କୁନ୍ତୀ ପ୍ରଧାନ, ଅଧକ୍ଷା, ଜିଲ୍ଲା ପରିଷଦ; ସନ୍ତୋଷ ଅମାତ, ଅଧକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ,ସୁନ୍ଦରଗଡ଼, ଶ୍ରୀମତୀ କୁସୁମ ଟେଟେ, ସଭ୍ୟ, ଜନଜାତି ଉନ୍ନୟନ କମିଟି, ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ, ସୁରଞ୍ଜନ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଡଃ ରୀନାତି ମିଶ୍ର, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ, ମହେନ୍ଦ୍ର ମୁର୍ମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଚିରବ୍ରତ ଦତ୍ତ, ଅଧକ୍ଷ, ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ସୁନ୍ଦରଗଡ଼, ଦିଲୀପ କୁମାର ପଟେଲ, ଅଧକ୍ଷ, ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ, ଶ୍ରୀମତୀ ମିତାଲି ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ବୟସ୍କ ନାଗରିକମାନଙ୍କ ମଧ୍ୟରେ ସକ୍ରିୟ, ଉତ୍ପାଦନଶୀଳ ଓ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହିତ ଯୁବପିଢ଼ି ଓ ବୟୋଜ୍ୟେଷ୍ଠଙ୍କ ମଧ୍ୟରେ ଆନ୍ତଃପିଢ଼ି ସମ୍ପର୍କ ଓ ସମନ୍ୱୟ ସୁଦୃଢ଼ କରିବା, ବୟୋଜ୍ୟେଷ୍ଠମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ପରାମର୍ଶ ଓ ସ୍କ୍ରିନିଂ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୟସ୍କ ନାଗରିକଙ୍କ ପ୍ରତି ନିର୍ଯାତନା, ଅବହେଳା ଓ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହିତ ମାତାପିତା ଓ ବୟୋଜ୍ୟେଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ (MWPSC Act), ବୟୋଜ୍ୟେଷ୍ଠଙ୍କ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ସେବା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ "ଏକ ପେଡ୍ ମା କେ ନାମ୍ ୩.୦" କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ମାଧ୍ୟମରେ ବୟୋଜ୍ୟେଷ୍ଠ ଓ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣରେ ସକ୍ରିୟ ଭାବେ ସାମିଲ କରାଯାଇଥିଲା।

# ଫୁଲକିମୁଣ୍ଡା ପଞ୍ଚାୟତ ହାଇସ୍କୁଲ ଠାରେ ସମର କ୍ୟାମ୍ପ ପାଳିତ

ପାଟଣାଗଡ, ନ୍ୟୁଜ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ଅନ୍ତର୍ଗତ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ସମର କ୍ୟାମ୍ପ–୨୦୨୬ ଅନୁଷ୍ଠିତ ହୋଇଯାଇଛି । ପ୍ଲାଷ୍ଟିକ ସାମଗ୍ରୀର ବିକଳ୍ପ ଭାବେ ପରିବେଶ ଅନୁକୂଳ ସାମଗ୍ରୀରୁ ଦୈନନ୍ଦିନ ବ୍ୟବହାର ଯୋଗ୍ୟ ଜିନିଷ ପ୍ରସ୍ତୁତିର କୌଶଳ ଶିକ୍ଷାଦାନ ସହ ପରିବେଶ ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ଅତିରିକ୍ତ ଏସ୍‌ପି ଅମୃତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାଏ, ଲାଠୋର ଥାନା ଅଧିକାରୀ ଅବିନାଶ ପ୍ରଧାନ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ବଳ, ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦଲାଲ ମାଝୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମକୁମାର ସିଂ ବରିହା ଯୋଗଦେଇଥିଲେ । ଶିବିରରେ ଛାତ୍ରଛାତ୍ରୀମାନେ କାଗଜ ହସ୍ତଶିଳ୍ପ, ବାଉଁଶ କାରିଗରୀ, ତାଳ, ଶାଳ ଓ ଖଜୁରୀ ପତ୍ର ହସ୍ତଶିଳ୍ପ, ମୃତ୍ତିକା ଶିଳ୍ପ ଓ ସିଡ୍ ବଲ୍ ଆଦି ବିଭିନ୍ନ ସୃଜନଶୀଳ କାର୍ଯ୍ୟର ପ୍ରସ୍ତୁତି ଓ ପ୍ରଦର୍ଶନ କରିଥିଲେ । କପଡ଼ା ଓ କାଗଜରୁ ବିଭିନ୍ନ ପ୍ରକାର ବ୍ୟାଗ, ବାଉଁଶରୁ ଫୁଲ ଟାଙ୍ଗୁଡ଼ି, କୁଲା, ଆସନ, ବିଞ୍ଚଣା ଓ ପେନ୍‌ଷ୍ଟାଣ୍ଡ ଏବଂ ମାଟିରୁ ଦୀପ ଓ ପୂଜା ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କ କାରୁକାର୍ଯ୍ୟ ପରିଦର୍ଶନ କରି ସେମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ ।

## ଆଜିର ଭଲମନ୍ଦ



ଗଣକ–ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ–୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ– ୧୪୩୪ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୭୧ଙ୍କ

**ତା୫।୧୦।୨୦୨୬, ଆଶ୍ୱିନ ଦ୧୯ନ, ସୋମବାର**

**ସୂର୍ଯ୍ୟୋଦୟ– ଘ ୫।୩୯।୨୬ ଚନ୍ଦ୍ରୋଦୟ– ରାଘ୧।୨୨।୩୭**

ଦଶମୀ ରାଘ ୨।୦୯ ପର୍ଯ୍ୟନ୍ତ । ପୁଷ୍ୟା ନକ୍ଷତ୍ର ରାଘ ୧୧।୧୦ ପର୍ଯ୍ୟନ୍ତ । କର୍କଟ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର–** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ–** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** କଳମ ଶାଗ ରାଘ ୨।୦୯ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୫।୪୩ ଗତେ ଦିଘ ୭।୧୧ ମଧ୍ୟେ। ଦିଘ ୮।୫୦ ଗତେ ଦିଘ ୧୧।୧୩ ମଧ୍ୟେ।

**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଶତ୍ରୁ ନାଶ ହେବେ। ମନସ୍କାମନା ପୂରଣ ହେବ।

**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା। ହଠାତ୍ କୌଣସି ଶୁଭ ଖବର ମିଳିପାରେ। ରୋଜଗାର ଭଲ ହେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୃହେ ଆନନ୍ଦ।

**ମିଥୁନ:** ଶ୍ରମ ଜନିତ କ୍ଳାନ୍ତି ଅନୁଭବ କରିବେ। ମାନସିକ ଦୁଶ୍ଚିନ୍ତା ଦୂର ହେବ। ରୋଜଗାରରେ ଉନ୍ନତି। ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ। ପାରିବାରିକ ସମସ୍ୟାର ସମାଧାନ ହେବ। ଭ୍ରମଣ ଯୋଗ ରହିଛି।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି କଳହ ଦେଖାଦେଇପାରେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ମନ ଅସ୍ଥିର ରହିବ ।

**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ରୋଜଗାର ସ୍ଥିର ରହିବ । ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ । ମହିଳାମାନେ ଗର୍ବୀ ହେବେ ।

**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।

**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟର ପରିମାଣ ବୃଦ୍ଧି ପାଇବା

**ବିଛା: ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢିବ । ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।**

**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଖୁସି ଦେଖାଦେବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।

**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସିର ବାତାବରଣ ଖେଳିଯିବ ।

**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର ।

**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଅଳସୁଆ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।

## ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୬।୧୦।୨୦୨୬, ଆଶ୍ୱିନ ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ– ଘ୫।୩୯।୪୦ ଚନ୍ଦ୍ରୋଦୟ–ସଂଘ୨।୨୩।୨୧**

ଏକାଦଶୀ–ରାଘ୦୨।୩୬ପର୍ଯ୍ୟନ୍ତ । ଅଶ୍ଳେଷା**ନକ୍ଷତ୍ର ରାଘ ୧୦।୧୦**ପର୍ଯ୍ୟନ୍ତ। କର୍କଟଚନ୍ଦ୍ର–ରାଘ୧୦।୨୦ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**–ମେଷ,ବୃଷ, କର୍କଟ,ସିଂହ,କନ୍ୟା,ତୁଳା,ବିଛା,କୁମ୍ଭ,ମୀନ ରାଶିର **ଘାତ ଚନ୍ଦ୍ର– ରାଘ୧୦।୨୦ଗତେ କର୍କଟ ଓ ମକର ରାଶିର । ଶ୍ରାଦ୍ଧନିର୍ଣ୍ଣୟ**–ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**–ଶିମ୍ବ ଓ ଆମିଷ ରାଘ୧୦।୩୬ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା**–ପ୍ରାଘ ୫।୪୫ ଗତେ ଦିଘ ୬।୩୦ମଧ୍ୟେ । ଦିଘ ୮।୪୦ ଗତେ ଦିଘ ୧୧।୧୩ ମଧ୍ୟେ । ପର୍ବୋତ୍ସବ– ଇନ୍ଦିରା ଏକାଦଶୀ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପୃଥିବୀର ସୁରକ୍ଷା ସୀମାରେ ଗଭୀର ଚାପ

ଏହା କେବଳ ଚେତାବନୀ ନୁହେଁ... ପୃଥିବୀର ଆଲାରମ୍ ଏବେ ପୂରା ବ୍ରହ୍ମାଣ୍ଡରେ ଶୁଭୁଛି । ଯେଉଁ ପୃଥିବୀକୁ ଆମେ ନିରାପଦ ଭାବି ଆସିଛୁ, ସେହି ପୃଥିବୀର ସୁରକ୍ଷା ସୀମାରେ ଏବେ ଗଭୀର ଚାପ । ପ୍ରଶ୍ନ ଏବେ ଏହା ନୁହେଁ ପୃଥିବୀ ବିପଦରେ କି ନାହିଁ...ପ୍ରଶ୍ନ ହେଉଛି, ଆମେ ଆଉ କେତେଦିନ ଏହି ସତର୍କ ସଙ୍କେତକୁ ଅଣଦେଖା କରିବୁ ? ପୃଥିବୀର ସୁରକ୍ଷା କବଚରେ ଗୋଟିଏ ନୁହେଁ ସାତ ସାତଟି ଫାଟ । ବୈଜ୍ଞାନିକଙ୍କ ନୂଆ ଆକଳନ ପୃଥିବୀର ଭବିଷ୍ୟତକୁ ନେଇ ବଡ଼ ଚେତାବନୀ ଦେଇଛି । ମଣିଷର ବିକାଶର ଦୌଡ଼ ଏବେ ପୃଥିବୀର ସୁରକ୍ଷା ସୀମାକୁ ଡେଇଁସାରିଛି । ବୈଜ୍ଞାନିକଙ୍କ ନୂଆ ଆକଳନ କହୁଛି, ପୃଥିବୀକୁ ସୁରକ୍ଷିତ ରଖୁଥିବା ୯ଟି ପ୍ରମୁଖ Planetary Boundary ମଧ୍ୟରୁ ୭ଟି ଏବେ ସୁରକ୍ଷିତ ସୀମା ଅତିକ୍ରମ କରିସାରିଛି। ଅର୍ଥାତ୍, ଯେଉଁ ପ୍ରାକୃତିକ ବ୍ୟବସ୍ଥା ପୃଥିବୀକୁ ମଣିଷ ବଞ୍ଚିବା ଯୋଗ୍ୟ ରଖିଆସିଛି, ସେହି ବ୍ୟବସ୍ଥା ଏବେ ଚାପରେ। ଆଉ ଏହି ୭ଟି ସୀମା ହେଉଛି— "ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତାର କ୍ଷୟ, ଭୂମି ବ୍ୟବସ୍ଥାରେ ପରିବର୍ତ୍ତନ, ମଧୁର ଜଳର ପରିବର୍ତ୍ତନ, ଜୈବ-ଭୌତିକ ରାସାୟନିକ ପ୍ରବାହ, ନୂଆ କିମ୍ବା କୃତ୍ରିମ ପଦାର୍ଥ ଓ ପ୍ରଦୂଷଣ,ଏବଂ ମହାସାଗରର ଅମ୍ଳୀକରଣ।" ବୈଜ୍ଞାନିକମାନଙ୍କ ଏହି ଆକଳନ ପୃଥିବୀ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି । ଜଳବାୟୁ ପରିବର୍ତ୍ତନ ଏହି ସଙ୍କଟର ସବୁଠାରୁ ବଡ଼ ଅଂଶ। କୋଇଲା, ତେଲ ଓ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ଯୋଗୁଁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡର ମାତ୍ରା ଲଗାତାର ବଢୁଛି। ଏହାର ସିଧା ପ୍ରଭାବ ପୃଥିବୀର ତାପମାତ୍ରା, ବର୍ଷା, ପାଣିପାଗ ଓ ସମଗ୍ର ଜଳବାୟୁ ବ୍ୟବସ୍ଥା ଉପରେ ପଡୁଛି। ଏହା ସହିତ ଜୈବ ବିବିଧତାର କ୍ଷୟ ମଧ୍ୟ ଚିନ୍ତା ବଢ଼ାଇଛି । ଜଙ୍ଗଲକୁ ନଷ୍ଟ କରି, ପ୍ରାକୃତିକ ଆବାସର ପରିବର୍ତ୍ତନ ଓ ମଣିଷର ବଢୁଥିବା ହସ୍ତକ୍ଷେପ ଯୋଗୁଁ ଅନେକ ପ୍ରଜାତି ଦ୍ରୁତ ଗତିରେ ବିଲୁପ୍ତି ଆଡ଼କୁ ଯାଉଛନ୍ତି । ପୃଥିବୀର ଭୂମି ବ୍ୟବସ୍ଥାରେ ପରିବର୍ତ୍ତନ ମଧ୍ୟ ଏହି ସଙ୍କଟକୁ ଆହୁରି ଗଭୀର କରିଛି । ଜଙ୍ଗଲ କାଟିବା ଯୋଗୁଁ ପ୍ରାକୃତିକ ଇକୋସିଷ୍ଟମର ଅବକ୍ଷୟ ହେଉଛି । ଜଙ୍ଗଲ କେବଳ ଗଛ ନୁହେଁ, ଏହା ପୃଥିବୀର ଏକ ପ୍ରାକୃତିକ କାର୍ବନ ସିଙ୍କ । ଆମାଜନ ଭଳି ବିଶାଳ ଜଙ୍ଗଲ ଦୁର୍ବଳ ହେଲେ କାର୍ବନ ଶୋଷଣ କ୍ଷମତା କମିବା ସହିତ ପୃଥିବୀର ଜଳବାୟୁ ସନ୍ତୁଳନ ମଧ୍ୟ ପ୍ରଭାବିତ ହୋଇପାରେ। ଏହା ପରେ ଆସୁଛି ମଧୁର ଜଳର ସଙ୍କଟ । ନଦୀ, ହ୍ରଦ ଓ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ସହିତ ପ୍ରଦୂଷଣ ମଧ୍ୟ ଜଳ ସମ୍ପଦ ଉପରେ ଚାପ ବଢ଼ାଉଛି । ଅନ୍ୟପଟେ, କୃଷିରେ ନାଇଟ୍ରୋଜେନ୍ ଓ ଫସଫରସ୍ ଭଳି ପୋଷକତତ୍ତ୍ୱର ଅତ୍ୟଧିକ ବ୍ୟବହାର ଜଳ ଓ ମାଟିର ପ୍ରାକୃତିକ ସନ୍ତୁଳନକୁ ବିଗାଡୁଛି। ଏହା ସହିତ ପ୍ଲାଷ୍ଟିକ୍, କୀଟନାଶକ ଓ PFAS ଭଳି କୃତ୍ରିମ ରାସାୟନିକ ପଦାର୍ଥର ବଢୁଥିବା ବ୍ୟବହାର ମାଟି, ପାଣି ଓ ବାୟୁ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଆଉ ଏବେ ମହାସାଗରରୁ ଆସିଛି ସବୁଠାରୁ ଚିନ୍ତାଜନକ ସଙ୍କେତ । ମଣିଷ ନିର୍ଗତ କରୁଥିବା $CO_2$ର ପ୍ରାୟ ଏକ ତୃତୀୟାଂଶ ସମୁଦ୍ର ଶୋଷଣ କରିଆସିଛି। କିନ୍ତୁ ଏହି କାର୍ବନ ଶୋଷଣର ଏକ ପରିଣାମ ହେଉଛି ସମୁଦ୍ରଜଳର ଅମ୍ଳୀକରଣ। ଶିଳ୍ପ ଯୁଗ ପୂର୍ବରୁ ତୁଳନାରେ ସମୁଦ୍ର ପୃଷ୍ଠର pH ହ୍ରାସ ପାଇଛି, ଯାହା ସାମୁଦ୍ରିକ ଜୀବନ ପାଇଁ ଚିନ୍ତାର କାରଣ। ବିଶେଷକରି ପ୍ରବାଳ ପ୍ରାଚୀର, ଶଙ୍ଖ ଓ ଶାମୁକା ଭଳି ଜୀବମାନଙ୍କର କ୍ୟାଲସିଫିକେସନ୍ ପ୍ରକ୍ରିୟା ଏଥିରେ ପ୍ରଭାବିତ ହୋଇପାରେ । ଆଉ ଏହାର ପ୍ରଭାବ କେବଳ ସମୁଦ୍ର ଭିତରେ ସୀମିତ ରହିବ ନାହିଁ; ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳା ଓ ତା' ଉପରେ ନିର୍ଭରଶୀଳ ମଣିଷ ସମାଜ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ପୃଥିବୀ ଆମର ସମ୍ପତ୍ତି ନୁହେଁ, ଏହା ଆମ ପରବର୍ତ୍ତୀ ପିଢ଼ିର ଅଧିକାର । ଆଜି ଯଦି ଆମେ ପ୍ରକୃତିର ଚେତାବନୀକୁ ଅଣଦେଖା କରୁ, ତେବେ ଆସନ୍ତାକାଲି ଆମ ପିଲାମାନଙ୍କ ପାଇଁ ଏହାର ମୂଲ୍ୟ ବହୁତ ବଡ଼ ହୋଇପାରେ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ, ସତ୍ୟ ହିଁ ଧର୍ମ, ସତ୍ୟ ହିଁ ଶିଷ୍ୟର ଭୂଷଣ,ସତ୍ୟ ହିଁ ଭକ୍ତର ଭକ୍ତି, ସତ୍ୟ ହିଁ ଅହିଂସା ରୂପକ ଅଗ୍ନି । ସତ୍ୟ ହିଁ ଶାଶ୍ୱତ । ସତ୍ୟ ହିଁ ସାହିତ୍ୟ, ସତ୍ୟ ହିଁ ନାରାୟଣ । ସତ୍ୟ ହିଁ ଧ୍ରୁବ । ସତ୍ୟ ହିଁ ବିବେକ, ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ, ସତ୍ୟ ହିଁ ଗୀତା, ଭାଗବତ, ବେଦ, ପୁରାଣକୁ ସ୍ୱୀକୃତି ଦେଇଛି । ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତ୍ତନ,ତାହାର ନାମ ସନାତନ । ତେଣୁ ସତ୍ୟର ଆୟତ୍ତନ ନାହିଁ । ସତ୍ୟ ହିଁ ଗୁରୁ, ସତ୍ୟ ହିଁ ପ୍ରେମ, ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର, ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ। ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ, ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି । ସତ୍ୟଯୁଗ ପ୍ରବେଶ କରିଛି । ସତ୍ୟ ହିଁ ଆଲୋକ, ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁରା ସେ ହିଂ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ । ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ। ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି । ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ । ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡି ଧର ନିଶ୍ଚୟ ତୁମେ ଅମର ହୋଇଯିବ । ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିହ୍ନ ହୋଇଯାଏ । ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ । ହରି ଓଁ ।

◆◆

# ଗାନ୍ଧୀ ଗଲେ: ମଉଳିଲା ଗାନ୍ଧୀବାଦ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଠିକିଲେ ମଣିଷ ଶିଖେ। ବାରମ୍ବାର ଠୋକର ଖାଇଲେ ବି ନ ବଦଳିବା ନଜିର କିଛି କମ୍ ନାହିଁ। ଇତିହାସ ଏହାର ମୂକସାକ୍ଷୀ। ଶାସକର ଖିଆଲିପଣ ଯୋଗୁଁ କେତେ କେତେ ସାମ୍ରାଜ୍ୟ ଧ୍ୱଂସ ହୋଇଛି, ସଭ୍ୟତାର ବିଲୀନ ଘଟିଛି, ତଥାପି ଏ ମଣିଷ ଦେଖି ଶିଖି ପାରିନି। ରାଜା ଅବୁଝା ହେଲେ, ଭୋଗିଲେ ନିରୀହ ପ୍ରଜା, ଦରିଦ୍ର ଜନ ସାଧାରଣ। ଏତ ଗଲା ରାଜାରାଜୁଡ଼ା ଅମଳର କଥା। ଗଣତନ୍ତ୍ରର ବ୍ୟବସ୍ଥା ମଧ୍ୟରେ ବି ହିଂସା, ଦ୍ୱେଷ, ପରଶ୍ରୀକାତରତା କିଛି କମ୍ ନୁହେଁ। କେତେକ ଅପଶାସକ ବିଶ୍ୱକୁ ଠେଲିଦେଲେ ଯୁଦ୍ଧର ଘନଘଟା ମଧ୍ୟକୁ। ଚାଲିଲା ପ୍ରଥମ ପୃଥିବୀ ମହାସମର (୧୯୧୪)। ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ପ୍ରୟୋଗ ହେଲା। ଦରଦାମ୍ ବଢ଼ିଲା, ଜନତା ନାହିଁ ନଥିବା ହନ୍ତସନ୍ତ ହେଲେ, ଶାନ୍ତିପ୍ରିୟ ମଣିଷ, ଶେଷରେ ଅବିଶ୍ୱାସ ଜାଲରେ ଛନ୍ଦି ହୋଇଗଲା। ସେତେବେଳେ ଭାରତରେ ଫିରିଙ୍ଗି ଶାସନ, ଭାରତୀୟ ସେନା ବ୍ରିଟିଶ୍ ପକ୍ଷ ନେଲେ। ପରାଜିତ ଜର୍ମାନ୍‌ବାସୀଙ୍କର ଦୁରବସ୍ଥାକୁ ସ୍ୱଚକ୍ଷୁରେ ଦେଖିଲେ ଆମ ସୈନ୍ୟମାନେ। ସେମାନଙ୍କ ମଧ୍ୟରେ ମୁକ୍ତି ଆକାଂକ୍ଷା ବେଗଗାମୀ ହେଲା। ଓଡ଼ିଶା ଜନଜୀବନ ଉପରେ ମହାସମରର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଲା। ଯୁଦ୍ଧ ସାଙ୍ଗକୁ ୧୯୧୮ରେ ଅନାବୃଷ୍ଟି ଜନିତ ଦୁର୍ଭିକ୍ଷ। ଚାରିଆଡ଼େ ହା-ଅନ୍ନର ଚିତ୍କାର। ଅନେକ ଘରଛାଡ଼ିଲେ, ଚାଲିଲେ ଓଡ଼ିଆ ପୁଅ ରେଙ୍ଗୁନ୍, କାଳିମାଟି, କଲିକତାକୁ। ଏବେ ସେ କୃଷକ ନୁହେଁ ଝୋଟକଳର ଶ୍ରମିକ।

ଗୋଟେ ଯୁଦ୍ଧର କରୁଣ ପରିଣତିରୁ ପୃଥିବୀ ମୁକୁଳି ପାରିଲାନି। ପୁନଶ୍ଚ ଆରମ୍ଭ ହୋଇଗଲା ଦ୍ୱିତୀୟ ପୃଥିବୀ ମହାସମର (୧୯୩୯)। କଂଗ୍ରେସର ବାରଣ ସତ୍ତ୍ୱେ; ଇଂରେଜ ଶାସକ ଭାରତ ସେନାଙ୍କୁ ଯୁଦ୍ଧକୁ ପଠାଇଲେ। ଯୁଦ୍ଧଚାନ୍ଦା ଲୋକମାନଙ୍କ ଉପରେ ଲଦି ଦିଆଗଲା। କ୍ରମେ ଯୁଦ୍ଧ ଓଡ଼ିଶାର ନିକଟବର୍ତ୍ତୀ ହେଲା। ଜାପାନ ଭାରତ ଆକ୍ରମଣ କଲା। ଯୁଦ୍ଧ ସରଞ୍ଜାମ ଭର୍ତ୍ତି ଜାପାନୀ ଯୁଦ୍ଧ ଜାହାଜ, ବଙ୍ଗୋପସାଗରରେ ପଇଁତରା ମାରିଲା (ଏପ୍ରିଲ ୬, ୧୯୪୨)। ଶେଷରେ ଜାପାନ କଲିକତାରେ ବୋମା ପକାଇଲା (ଡିସେମ୍ବର ୨୦, ୧୯୪୬)। ସାରା ଭାରତବର୍ଷରେ ବୋମାର ଆତଙ୍କ ଖେଳିଗଲା। ସମୁଦ୍ର ବାଟେ ଜାପାନ ଓଡ଼ିଶା ଅଧିକାର କରିବ - ଏ ଆଶଙ୍କାଟି ଜନତାଙ୍କୁ ଭୀତତ୍ରସ୍ତ କରିଦେଲା। ଉପକୂଳର ୫୦ ମାଇଲ ଭିତରେ ଥିବା ସୁବଜିନିଷ ଖାଲି କରି ଦିଆଗଲା - ଡଙ୍ଗା, ଧାନ, ଚାଉଳ, ସାଇକେଲ୍ ସବୁ। ସମୁଦ୍ରକୂଳ ବାସୀ ମତ୍ସ୍ୟଜୀବୀ, ଉପକୂଳ ଅଧିବାସୀମାନେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲେ। ଓଡ଼ିଶାର ଆର୍ଥିକ ସ୍ଥିତି ସଙ୍କଟାପନ୍ନ। ସାଧାରଣ ଜନତା ପିନ୍ଧିବାକୁ ଖଣ୍ଡେ ଲୁଗା, ପେଟକୁ ଗଣ୍ଡେ ଦାନା ପାଇଲେନି। ଏଣେ ଇଂରେଜ ଶାସକଙ୍କ ନାଲିଆଖି, ସାହୁକାର, ଗୁମାସ୍ତାଙ୍କ ଜୁଲମ। ଗାନ୍ଧୀ କହୁଛନ୍ତି ସ୍ୱରାଜ ମିଳିଯିବ। ଦେଶ ସାରା ଉତ୍ତେଜନା, ସ୍ୱାଧୀନତା ପାଇଁ ଲଢ଼େଇ ତୀବ୍ରତର। କିଏ କେତେ ଆଶା କରିଥିଲା। ଫିରିଙ୍ଗି ଯିବେ, ଜମିଦାର, ସାହୁକାର ରହିବେନି। ଆମେ ଚଳାଇବୁ ଦେଶ ଆମର, ଘିଅମହୁ ବରଷିବ, ହସଖୁସି ଚହଟିବ। ଦେଶ ସ୍ୱାଧୀନ ହେଲା, ହେଲେ ସାଧାରଣ କୃଷକଟିଏ, ସେବେ ଯାହା, ଏବେ ତଦ୍ରୂପ। ଏମିତି ଗରିବ ଚାଷୀଟିଏ, ନାଁ ଅପର୍ତ୍ତି। ତା'ର ବଡ଼ କ୍ଷୋଭଟାଏ, ସେ ତା' ଭୂଇଁରେ ସୁନାଫଳାଏ ଫସନ; ଖାଏ ସାହୁକାର। ତା' ଉପାସିଆ ପେଟକୁ କିଛି ମିଳେନି। ସେ ବିଦ୍ରୋହ କରିଛି। ସାମାଜିକ ଅସମତା ବିରୁଦ୍ଧରେ ସ୍ୱର ଉଠେଇଛି। ଗୋଟେ ସୁନାର ସଂସାର, ଗାନ୍ଧୀଙ୍କ ରାମରାଜ୍ୟ କଥା ଭାବିଛି; କିନ୍ତୁ ନାଚାର। ଆପଣାର ରାଗ ଦ୍ୱେଷ, ଭିତରେ ଥିବା ଅସନ୍ତୋଷ, ଆଖି ଆଗରେ ଜଳଜଳ ହେଇ ଦିଶିଯାଉଛି ଅନ୍ଧାରିଆ ଭବିଷ୍ୟତ, ତଥାପି ସେ ଭାଙ୍ଗି ପଡ଼ିନି। ପ୍ରତିଜ୍ଞା କରିଛି ପାରୁ ପର୍ଯ୍ୟନ୍ତ, ଲଢ଼ିବ, ହଳ ବୁଲେଇ ବୁଲେଇ ସେ ଉତ୍ତେଜିତ ହୋଇଯାଏ। ପାଞ୍ଚଣଟାରେ ଡାହାଣିଆଟାକୁ ପାହାରେ ପକାଏ, ରାଗ ତମତମ ହେଇ କହେ, "ଗୋସେଇଁଖିଆ - ଚକ୍ଷୁ ନାହାଁନ୍ତି ମୋଟେ।" ପ୍ରଚଳିତ ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ ଏଇ ସାଧାରଣ ଚାଷୀଟି। ତା'ର ଏଇ ପ୍ରତିବାଦ ପ୍ରଖର ସ୍ରୋତରେ ଭାସି ଯାଉଥିବା ପତ୍ରଟିଏ ପରି, ଏହାର ସ୍ଥିତି ବା କେଉଁଠି ? ଏଇ କଥାଟିକୁ ଦେଖାଇ ଦେଇଛନ୍ତି ଗାଳ୍ପିକ ପ୍ରାଣବନ୍ଧୁ କର। ତାଙ୍କରି ଲୋକପ୍ରିୟ କ୍ଷୁଦ୍ର ଗଳ୍ପଟି 'ସୁଅ ମୁହଁର ପତର'।

ଚାଲିଛି ବିଶ୍ୱଯୁଦ୍ଧ। ପାଞ୍ଚ ଦଶ ଉଡ଼ାଜାହାଜ ଘଁ ଘଁ କରି ବିଲ ଉପରେ ଉଡ଼ିଯାଉଛି। ଗାଉଁଲି ମଣିଷ, ଦେଖି କରି ତଟସ୍ଥ। କିଏ ହଳକରୁଛି, ଡରରେ ଯାଇ ହିଡ଼ ପାଖ ବୁଦାମୂଳରେ, ଭୟରେ ଚାହୁଁଛି ଉପରକୁ। ଉଡ଼ାଜାହାଜ ଗୁଡ଼ା, ସବୁ ଗାଁରେ ଉଡୁଛନ୍ତି, ସତେ ଯେମିତି ସମସ୍ତେ ଯୁଦ୍ଧରେ ଭାଗ ନେଇଛନ୍ତି ! ଯୁଦ୍ଧ ଚାଲିଲା କେଇବର୍ଷ, ସବୁ ଜିନିଷ ଦାମ୍ ବଢ଼ିଲା। କିରାସିନୀ, ଚାଉଳ, ଲୁଗା - କିଛି ମିଳୁନି। ଚାଉଳ ଟଙ୍କାକୁ ଦି' ସେର, ସରକାର କଣ୍ଟ୍ରୋଲ କରି ଦେଉଛନ୍ତି, ଚାଉଳ ନୁହେଁ ତ ଘୋଡ଼ା ଦାନା, କିଳାପୋତେଇ ଚାଲିଛି, ରାତି ଅଧରେ ଦୋକାନ ଖୋଲୁଛି, ପଛବାଟେ କିଏ କେତେ ଅଣ୍ଟାଗୁଞ୍ଜା ଦେଇ ନଉଛନ୍ତି। ଏତେ କଥାରେ ଅପର୍ତ୍ତିର ମୁଣ୍ଡ ପଶୁନି। ସେ ନୂଆ ବାହା ହେଇଛି, ଗୁରେଇର ଲାଜ ଲୁଚେଇବା ପାଇଁ ଶାଢ଼ୀଖଣ୍ଡେ ନାହିଁ, ସାହୁକାର କହୁଛି, ଯା' ଯା' - ଲୁଗା ନାହିଁ। ତିନି ଟଙ୍କାରେ ଶାଢ଼ୀ କିଣିବ? ଅପର୍ତ୍ତି ମୁଣ୍ଡ ଭିତରେ କ'ଣ ଗୋଟା ରଟ୍ କରି ଛିଡ଼ିଯାଏ, ହାତଟା ତା'ର ଶକ୍ତ ହୋଇଯାଏ - ଭାବେ ଆଉ ସହିହବନି, ସାହୁକାର ଦୋକାନରେ ନିଆଁ ଲଗାଇ ଦେବ? ଯୁଦ୍ଧ ରାକ୍ଷସଟା ଆଇଲା, କାହାର ପୁଷମାସ ତ କାହାର ସର୍ବନାଶ। ସାହୁ ମହାଜନ ଗୁଡ଼ାକ, ଯୁଦ୍ଧ ଆଗରୁ; ବ୍ରାହ୍ମଣ ସାହି, କେଉଟ ସାହି, ସାଇକି ସାହି, ଘର ଘର ବୁଲୁଥିଲେ। କି ଖରା, କି ବରଷା, ଶୀତ କାକର କିଛି ଫରକ ପଡୁନଥିଲା। ବିକୁଥିଲେ ପାଟଫୁଲି, ଛୁଞ୍ଚିସୂତା, ଗନ୍ଧକର୍ପୂର। ଦି' ପଇସା ପାଇଁ କେତେ ବୁଲୁଥିଲେ। ଏବେ ଧନୀ ମହାଜନ ସରକାରଙ୍କୁ ହାତ କରି ଦେଇଛି, ଡିଲର ହେଇଛି, ଚୋରା ବେପାର ଚଳେଇଛି। କୋଠା ବାଡ଼େଇଲାଣି, ଏଗୁଡ଼ାକ ଦେଶରୁ ନଗଲେ ଶାନ୍ତି ନାହିଁ! ବୁଲା ବିକାଳି, ଏବେ କ'ଣ ନା ମହାଜନ! ଏକଥାଗୁଡ଼ାକ ଅପର୍ତ୍ତି ଭାବୁଥିଲା, ରାଗରେ ବି ଜଳୁଥିଲା।

ଗାନ୍ଧୀ ଆସିଲେ। ସାରା ଦେଶରେ ଚହଳ ପଡ଼ିଲା। ଗାନ୍ଧୀ କହୁଛନ୍ତି, ନେତା କହୁଛନ୍ତି, ଦେଶ ସେବକମାନେ ଗାଁ ଗାଁ ବୁଲୁଛନ୍ତି। ଘରେ ଘରେ ପ୍ରଚାର କରୁଛନ୍ତି, ଅରଟରେ ସୂତା କାଟ, ଲୁଗାବୁଣ, ନିଜ ଗୋଡ଼ରେ ନିଜେ ଠିଆ ହୁଅ। କାଟି ପିନ୍ଧ, କୁଟି ଖାଅ, ଫିରିଙ୍ଗି ଜିନିଷ ବର୍ଜନ କର। ତା' ନହେଲେ ଗୋରାଗୁଡ଼ାକ ଦେଶ ଛାଡ଼ିବେନି, ସ୍ୱରାଜ ମିଳିବନି। କେଡ଼େ କେଡ଼େ ଚାଷୀ ମୂଲିଆ ସଭା ହେଲା, କିଏ କହିଲା ଜମିଦାରକୁ କରଦିଅନି, କିଏ କହିଲା ଧର୍ମଘଟ କର। ନେତା ତାତିଲେ, ଜନତା ମାତିଲେ। ସବୁ ଆଡ଼େ ଖାଲି ଗୋଟାଏ କଥା, ଆମ ଲୋକ ଦେଶ ଚଳାଇବେ, କିଳା ପୋତେଇ, କଳାବଜାରି ବନ୍ଦ ହୋଇଯିବ, ଚୋରା କାରବାର ଆଉ ହବନି। ଲୁଗା, କିରାସିନୀ, ଚାଉଳ ଶସ୍ତା ହେବ - ଲାଞ୍ଚମିଛ ଆଉ ଦେଶରେ ରହିବନି। ଅପର୍ତ୍ତି ସବୁ ଶୁଣିଲା, ସେଥିରେ ଆମ ଦୁଃଖ ଯିବ, ଗୋରାଗୁଡ଼ାକ ଗଣ୍ଠିଲି ବାନ୍ଧି ପଳେଇଯିବେ। ଏକଥା ସଭାରେ ନେତା କହୁଥିଲେ, ଗାନ୍ଧୀଟୋପି ସେମାନଙ୍କ ମୁଣ୍ଡରେ। କାନ୍ଧରେ ଝୁଲାମୁଣି, ଦିହରେ ଖଦି ଚାଦର, ପିନ୍ଧାଲୁଗା ବି ଖଦି - ସବୁ ହାତ ତିଆରି। ଏସବୁ ଶୁଣି ଅପର୍ତ୍ତି ଛାତି କୁଣ୍ଢେମୋଟ, ଏଥର ସେ ସାହୁକାର ପାନେ ପାଇବ!

ଗାନ୍ଧୀଜୀଙ୍କ କଥା ସତ ହେଲା, ଉଣେଇଶ ଶହ ସତଚାଳିଶ ସାଲ ଅଗଷ୍ଟ ପନ୍ଦର। ଘରେ ଘରେ ଉତ୍ସବ, ବନ୍ଦେ ମାତରମ୍ ଧ୍ୱନିରେ ଗାଁ ଉଚ୍ଛୁଳୁଛି। ସମସ୍ତଙ୍କ ଘର ଉପରେ ଫରଫର ଉଡୁଛି ତ୍ରିରଙ୍ଗା ପତାକା। ଅପର୍ତ୍ତି ବି ପତାକାଟିଏ ଉଡ଼େଇ ଦେଇଛି ତା' ଭଙ୍ଗା ଚାଳଘର ମଥାନରେ। ତା'ରି ଭିତରେ ଦେଖୁଛି, ଗୁରେଇ ନୂଆ ଖଦିଟି ପିନ୍ଧି ତା' ଆଡ଼େ ଚାହିଁ ହସୁଛି, ପୁଞ୍ଜିପତି ଧନୀ ସାହୁକାରଙ୍କ ହାତରେ ବେଡ଼ି ପଡ଼ିଛି, ପୁଲିସ ଘୋଷାରି, ଘୋଷାରି ନଉଛି - ଏମିତି ଆଗକୁ ଆଗକୁ, ଅନେକ କଥା। ଭାବୁଛି, ଭାବନାର ଅନ୍ତନାହିଁ।

ଦିନ ଗୁଡ଼ାକ ଗଡ଼ିଚାଲିଲା, ଲୋକେ ଗାନ୍ଧୀଜୀଙ୍କୁ ଭୁଲିଲେ, ତାଙ୍କ ଆଦର୍ଶକୁ ବଳି ଦେଲେ। ଦିନ କେଇଟା ଭିତରେ ସବୁ ଓଲଟପାଲଟ। ତ୍ରିରଙ୍ଗା ପତାକାଟା କେମିତି ବାୟୁ ସଂଘାତରେ ଆସି ଫିକା ପଡ଼ିଗଲା, ଗାଁଟା ତ ସେମିତି ଠିକ୍ ଠାକ୍ ଅଛି, କିଛି ବଦଳିନି। ଗୁରେଇ ଭଳି ଶହଶହ ଛିଣ୍ଡାଲୁଗା ପିନ୍ଧୁଛନ୍ତି, କାନିସିରି କଇଁ ବେଷ୍ଟ ସିଝା ଖାଉଛନ୍ତି। ସେ ବି ତ ସେମିତି ହଳକରୁଛି, ଗାଁ ପୋଖରୀଗୁଡ଼ାକରେ ତ ଦଳ ସେମିତି ଭର୍ତ୍ତି ହେଇଛି। ମେଲେରିଆ, ହଇଜାରେ ଶହଶହ ଲୋକ ମରୁଛନ୍ତି। ଗୁରେଇ ଦିହରେ ଛିଣ୍ଡା କନାଟା ତ ସେମିତି ଅଛି। ଆଗେ ଶହଶହ ଗାନ୍ଧିଚେଲା ଗାଁରେ ବୁଲୁଥିଲେ, ନେତା ଆସୁଥିଲେ। ବାନର ସେନାଏ ସ୍ୱରାଜ ଚାନ୍ଦା ମାଗୁଥିଲେ, ଆଳୁ, କଦଳୀ, ଚାଉଳ ମୁଠାଏ, ସୁ'କିଟାଏ ଦେଲେ ନଉଥିଲେ। ସେମାନଙ୍କର ଦେଖା ସାକ୍ଷାତ ନାହିଁ। ନେତା ଆସନ୍ତି କାଁ ଭାଁ ଗାଁକୁ। ଭୋଟ ବେଳେ ଟିକେ ବେଶିଥର, ଆଉ ଦେଖା ଦର୍ଶନ ମିଳେନା, "ଯେମିତି- ଦିନେ ନାହିଁ, କାଳେ ନାହିଁ, ଗହ୍ମା ପୁନେଇଁକି ମାଇଁ ମାଇଁ।" ଦେଶ ପରାଧୀନ ଥିଲା, ଅନ୍ତତଃ ମାସ ଭିତରେ ନେତା ଦି' ଥର ଗାଁକୁ ଆସୁଥିଲେ, ସଭାସମିତି କରୁଥିଲେ। ରାମରାଜ୍ୟର କଳ୍ପନାପୁରୀକୁ ଘେନି ଯାଇଥିଲେ। ସେବେକା ବେଶ ପୋଷାକ, ଏବେକା ଭେକ ପୂରା ଅଲଗା। ନାହିଁ ଗାନ୍ଧୀ ଝୁଲା, ଖଦଡ଼ ଜାଗାରେ ସାହେବୀ ପୋଷାକ, ସବୁ ଜିନିଷ, ଖାଲି ବିଲାତି ବିଲାତି। ନାଁ, ଆଉ ସହିହେବନି, ଆପେ ବଞ୍ଚିଲେ ବାପର ନାଁ। ଏଣିକି ଅପର୍ତ୍ତି ନିଜ ରାହା ନିଜେ ଉଣ୍ଡିବ! ଗୁରେଇ ପାଇଁ ମାଇପିପିନ୍ଧା ଖଦି ଖଣ୍ଡେ ଯୋଗାଡ଼ କରିବ? ଯାହା ବି ହଉ।

ଅପର୍ତ୍ତିଟା ଭାରି ସାଧାସିଧା, ଛନ୍ଦମନ୍ଦ ଜାଣିନି; ମିଛ କହେନା, କାହା ଦରବରେ ଆଖି ଦିଏନା, ଭଲ ମଣିଷଟା। ଜୀବନଟା ସାରା ସତ୍ୟ, ଅହିଂସାରେ ବିଶ୍ୱାସ ରଖିଥିଲା। ଗାଁକୁ ଗାନ୍ଧୀ ଚେଲା ଆସିଲେ ତାଙ୍କ ସହ ଖୁସିରେ ବୁଲୁଥିଲା, ସଫେଇକାମ କରୁଥିଲା। ଏବେ ସେ ବଦଳିଯିବ, ସାରା ଦେଶଟା ତ ବଦଳିଗଲା, ସେ କ'ଣ ରାଇଜଟାକୁ ମୁଣ୍ଡେଇଥିବ? ସାହୁ ଦୋକାନରୁ ସେ ଦି' ଖଣ୍ଡ ଖଦି ଚୋରେଇ ଆଣିଲା। ଗୁରେଇ ଛାତି ଥରୁଛି, ଅପର୍ତ୍ତିକୁ ବାରଣ କଲା, ଏ ପାପ ଆଉ ନ କରିବାକୁ କହିଲା। ଅପର୍ତ୍ତିର କିନ୍ତୁ ଯୁକ୍ତିଟା ଟିକେ ଭିନ୍ନ - ଏ ସବୁ କ'ଣ ମହାଜନଙ୍କର ନିଜ ଧନ? ତଳେଇକରି ଦେଖିଲେ ତାହା ଅକାଟ୍ୟ ମଧ୍ୟ।

ନାହାଁନ୍ତି ଆଜି ଗାଳ୍ପିକ ପ୍ରାଣବନ୍ଧୁ କର; ମାତ୍ର ଚିରଜାଜ୍ୱଲ୍ୟମାନ ତାଙ୍କ ଗପ 'ସୁଅ ମୁହଁର ପତର'। ନାହିଁ ବି ଆଜି ଅପର୍ତ୍ତି। ବିଚରା ସ୍ୱପ୍ନ ଦେଖିଥିଲା। ରାମରାଜ୍ୟର ସ୍ୱପ୍ନ। ଦେଶ ଫିରିଙ୍ଗି ବେଡ଼ି ଶୃଙ୍ଖଳରୁ ମୁକ୍ତ ହେଲା। ସମସ୍ତେ କହିଲେ ଆମ ଦେଶ ସ୍ୱାଧୀନ ହେଲା। ଏଣିକି ଦୁଃଖ ପାଣି ପରି ବହିଯିବ। କିନ୍ତୁ କାହିଁ! ରାମରାଜ୍ୟ ଏବେ ସପନର ସପନ। ନାହାନ୍ତି ରାମ। ଚାରିଆଡ଼େ ଖାଲି ଦଶଶିରା, ସହସ୍ରଶିରା ରାବଣ। ଏମାନେ ଠକୁଛନ୍ତି, ଲୁଟୁଛନ୍ତି ଦେଶଟାକୁ। ପ୍ରଜାଙ୍କର ଦୁଃଖ କୁଳାକଣରେ ଯାଉନି। ସେଦିନ ଅପର୍ତ୍ତି ତା' ରାଗ ସାରୁଥିଲା ବଳଦ ପିଠିରେ। ସଫେଦ୍ କାମିଜ, ଇସ୍ତ୍ରୀକରା ଧୋବଫରଫର ସୁପର ଫାଇନ୍ ଧୋତି ପିନ୍ଧା ଦି' ଗୋଡ଼ିଆ ବଳଦ ଆଜି କାଲି ଢେର୍। ସେଦିନ ଅପର୍ତ୍ତି ଯେଉଁ ଛାଟଟା ମାରିଥିଲା, ସବୁଦିନେ, ସବୁ କାଳରେ ବସୁଥିବ ଏଇମାନଙ୍କ ପିଠିରେ। ତଥାପି ଏମାନେ ଶିଖୁ ନାହାନ୍ତି କି ଚକ୍ଷୁ ନାହାଁନ୍ତି ଟିକିଏ। ଗାନ୍ଧିମାହାତ୍ମା ବି ସ୍ୱର୍ଗରେ ଥାଇ ଦେଖୁଥିବେ। ତାଙ୍କ ସୁନା ସପନ କେଇଟା ଦିନରେ ଚୂନା ହେଇଗଲା। ସତରେ କ'ଣ ଏଇ ଅପର୍ତ୍ତି ଗୁଡ଼ାକ ସେମାନେ ପାଞ୍ଚଣମାଡ଼ରେ ଦେଶକୁ ସଜାଡ଼ି ପାରିବେ, ଦୁର୍ନୀତି ଘୁଞ୍ଚେଇ ପାରିବେ? ଏ ପ୍ରତିବାଦ ଖାଲି ସୁଅ ମୁହଁରେ ପତରଟିଏ। ଆପଣା ସତ୍ତା ହଜେଇ ଦେବ କେଉଁ ବିକ୍ଷୁବ୍ଧ ସାଗରର ଅନନ୍ତ ବୁଭୁକ୍ଷା ମଧ୍ୟରେ!

# ପ୍ରତିହିଂସାର ପତାକାବାହୀ ପ୍ରତିକ୍ରିୟାଶୀଳ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

କାହିଁ କେଉଁ କାଳୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପିତା ବସୁଦେବ ଦେବକୀଙ୍କୁ ବାହା ହୋଇଥିଲେ । ପାଣ୍ଡବଙ୍କ ମାମୁ ଶଲ୍ୟ ଦେବକୀଙ୍କୁ ଚାହୁଁଥିଲେ, କିନ୍ତୁ ପାଇଲେ ନାହିଁ । ସେହି ହିଂସାର ଅନଳରେ ଜଳିପୋଡି ଶଲ୍ୟ ବିଚଳିତ ଥିଲେ । ଶଲ୍ୟ ମହାଯୋଦ୍ଧା । ମହାଭାରତ ଯୁଦ୍ଧରେ ଯେହେତୁ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷର ସାରଥି ହେଲେ ଶଲ୍ୟ କୌରବ ପକ୍ଷର କର୍ଣ୍ଣଧାର ଦୁର୍ଯ୍ୟୋଧନ ପାଖକୁ ଗଲେ । ଏ ଦେବକୀଙ୍କୁ ନପାଇବାରୁ ଅବଦମିତ ପ୍ରତିହିଂସାର ପ୍ରଜ୍ୱଳିତ ପରିପ୍ରକାଶ। ମହାଭାରତର ଚକ୍ରବ୍ୟୁହକୁ ବର୍ଣ୍ଣନା କରାଯାଇପାରେ, ମାତ୍ର ଆମ ସମୟର ଚକ୍ରବ୍ୟୁହ ଅବର୍ଣ୍ଣନୀୟ । କେବଳ ଅବର୍ଣ୍ଣନୀୟ ନୁହେଁ - ଅଦୃଶ୍ୟମାନ । ଏହି ଅଦୃଶ୍ୟମାନ ଚକ୍ରବ୍ୟୁହରେ ପ୍ରତିନିୟତ ଅଗଣିତ ଅଭିମନ୍ୟୁକୁ ନିଧନ କରାଯାଉଛି । ସାରା ପୃଥିବୀରେ ତାରୁଣ୍ୟ ଏହି ଚକ୍ରବ୍ୟୁହ ମଧ୍ୟରେ ତୀଳବିଦ୍ଧ, ଅଶିବିଦ୍ଧ ଅବସ୍ଥାରେ ଉର୍ଦ୍ଧ୍ୱଶ୍ୱାସ - ଅଥଚ ଏ ଅବସ୍ଥା ଦେଖିବାକୁ ଆଖି ନାହିଁ କି ସାକ୍ଷୀ ନାହିଁ। ଏହା ତେବେ କିଭଳି ଚକ୍ରବ୍ୟୁହ ? କେଉଁଠି ଯୁଦ୍ଧ ଚାଲିଛି ? କାହିଁକି ? ପ୍ରଶ୍ନ ପ୍ରଚୁର । ମାତ୍ର ଉତ୍ତର ନାହିଁ। ଯୁଆଡେ ଅନେଇବେ କେବଳ କବନ୍ଧ ଗୋଟିଏ ବି ମୁହଁ କେଉଁଠି ଦିଶୁ ନାହିଁ। ମୁହଁ ଥିଲେ ସିନା କଥା ଶୁଣିବା, ମୁଖାଗୁଡାକ କ'ଣ କହିବେ ? ଆମ ଆଗରେ ଏବେ ଖାଲି ମୁଖାପିନ୍ଧା କୋଳାହଳକାରୀ ଆମରି ଆଖି ଆଗରେ ଦେଖା ଘଟଣା । ଦୁର୍ଦ୍ଦାନ୍ତ ମହାଯୋଦ୍ଧା ସଦ୍ଦାମ ହୁସେନଙ୍କୁ ଯୁଦ୍ଧଖୋର ଆମେରିକାର ନିକସନ୍ ଟକ୍କର ଦେବାରେ ନାକେଦମ୍ ହେଇପଡିଲେ । ଆମେରିକାବାଲା ଷଡଯନ୍ତ୍ର, ବିଶ୍ୱାସଘାତକତା କରି ଇରାକ୍‌ରେ ମହାଘାତକ ପରମାଣୁ ବୋମା ଅଛି ବୋଲି ପ୍ରଚାର କରାଇ ଜବରଦସ୍ତ ପଶିଲେ । ସଦ୍ଦାମ ଛାଡିବା ଲୋକ ନୁହଁନ୍ତି । ସେ ମାନିଲେ ନାହିଁ – ମୁକାବିଲା କରିବାକୁ ପ୍ରସ୍ତୁତ ହେଲେ। ଇରାକ-ଆମେରିକାର ଘମାଘୋଟ ଯୁଦ୍ଧ ଆରମ୍ଭ ହେଲା । ଇରାକ ଧ୍ୱଂସସ୍ତୁପରେ ପରିଣତ ହେଲା । ଶେଷରେ ସଦ୍ଦାମ ହୁସେନ୍‌ଙ୍କୁ ପାତାଳ ଭିତରୁ ଧରିଆଣି ମିଛ ବିଚାରରେ ଫାଶୀଦଣ୍ଡ ଦିଆଗଲା। ନିକସନ୍ କାହିଁକି ଏମିତି କଲେ? ସଦ୍ଦାମ ହୁସେନ ଇରାକର ଏୟାରପୋର୍ଟ ରାସ୍ତା ଚଟାଣରେ ନିକସନ୍‌ଙ୍କ ବିରାଟକାୟ ଚିତ୍ର ସ୍ଥାପନ କଲେ । ସମସ୍ତେ ନିକ୍‌ସନ୍ ଛାତି ଉପରେ ଯୋତା ମାଡି ଯିବେ । ଏହା ନିକସନ୍‌ଙ୍କୁ ବାଧିଥିଲା । ସେ ପ୍ରତିହିଂସାର ନିଆଁରେ ହୁତୁହୁତୁ ଜଳୁଥିଲେ – ତାର ଫଳ ଇରାକ ଜନଗଣ ଏପରିକି ଶିଶୁ, ନାରୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର - ଗୁଳି ବୋମାରେ ଜୀବନ ନାଶ । ଇରାକର ଅର୍ଥନୀତିକୁ ଧ୍ୱଂସ ।

ସଭ୍ୟତାର ସକରୁଣ ସ୍ମୃତି ସବୁ ଆମପାଇଁ ଅତିଷ୍ଠ ସମୟର ଉତ୍ପୀଡକ ଉପହାର । ଏ ଉପହାର ଆମ ମଣିଷ ସମାଜକୁ ଚକ୍ରବ୍ୟୁହର ଚରିତ୍ର ମାନଙ୍କ ପକ୍ଷରୁ ଗୋଟିଏ ଗୋଟିଏ ପ୍ରଚଣ୍ଡ ପ୍ରହାର ! ସେ ପ୍ରହାରରେ ମନପ୍ରାଣ ତ୍ରସ୍ତ – ଚୈତନ୍ୟ ରକ୍ତାକ୍ତ – ବିବେକ କ୍ଷତାକ୍ତ । ଆମେ କ'ଣ ଏଯାବତ୍ ଭୁଲିପାରିଲୁନୁ ସେ ଅବିଶ୍ୱାସ ଦିବସର ବର୍ବର ବୃତ୍ତାନ୍ତ ନା ସେଇ ଅଚିନ୍ତନୀୟ ରାତ୍ରୀର ଜଘନ୍ୟ ଯୋଜନା ? ସେ ଦାରୁଣ ଦିବସ ଆସିଥିଲା ଖ୍ରୀଷ୍ଟପୂର୍ବ ପ୍ରଥମ ଶତକରେ। ଜୁଲିଅସ୍ ସିଜରଙ୍କୁ ରୋମ୍‌ର ସିନେଟ୍‌ରେ ସଭ୍ୟମାନଙ୍କ ସମ୍ମିଳୀତ ଆକ୍ରମଣର ସାମ୍ନା କରିବାକୁ ପଡିଥିଲା ସେଦିନ । ସିଜର ଥିଲେ ଅନମନୀୟ ମହାବୀର । ଶେଷ ପର୍ଯ୍ୟନ୍ତ ଜାରି ରଖିଥିଲେ ନିଜ ସ୍ୱର୍ଦ୍ଧିତ ପୌରୁଷର ପ୍ରତ୍ୟାଘାତ । ମାତ୍ର ଅନ୍ତିମ ମୁହୂର୍ତ୍ତ ଆସିଥିଲା ଠିକ୍ ସେତିକିବେଳେ, ଯେତେବେଳେ ତାଙ୍କ ପୃଷ୍ଠଭାଗ ସ୍ପର୍ଶ କରେ ଶତ୍ରୁର ତରବାରୀ ନୁହେଁ – ପ୍ରିୟତମ ବନ୍ଧୁର ଶାଣିତ ଛୁରିକା । ପ୍ରିୟବନ୍ଧୁଙ୍କୁ ଏଭଳି ଭୂମିକାରେ ଦେଖିଦେଇ ସେ ଗଭୀର ଦୁଃଖରେ ତଳେ ଥୋଇଦେଲେ ଅସ୍ତ୍ର । ଶେଷ ଦୁଇତିନୋଟି ଶବ୍ଦ ଥିଲା ସ୍ୱତଃସ୍ଫୂର୍ତ୍ତ – ଓଃ ! ୟୁ 'ବ୍ରୁଟସ୍' ...ବ୍ରୁଟ୍...

ଚକ୍ରବ୍ୟୁହ ! ହାୟ, ଏ ଚକ୍ରବ୍ୟୁହରେ କେବଳ ବୈରୀ ନୁହେଁ, ବନ୍ଧୁ ବି ହୋଇପାରେ ଚମକପ୍ରଦ ଚରିତ୍ରଟିଏ ! ସିଜରଙ୍କ ନିଧନ ଦିବସରେ ୧୦୦ ବର୍ଷ ପରେ ପୃଥିବୀକୁ ଆସିଥିଲା ଆଉ ଏକ ବିଚିତ୍ରରଙ୍ଗର ରାତ୍ରୀ – ସେ ରାତ୍ରୀ ଯୀଶୁଖ୍ରୀଷ୍ଟଙ୍କର ଶେଷ ରାତ୍ରୀ। ସମବେତ ୧୨ ଜଣ ପ୍ରିୟ ଶିଷ୍ୟଙ୍କ ସହିତ ସେ ନିଜ ଜୀବନର ଅନ୍ତିମ ଭୋଜନ ଗ୍ରହଣ କରିବା ପରେ ତାଙ୍କୁ ଶତ୍ରୁମାନଙ୍କ ହାତରେ ଧରାଇଦେଇଥିଲେ 'ଯୁଦାସ୍' – ଖୋଦ୍ ଯିଏ ତାଙ୍କ ପ୍ରିୟତମ ଶିଷ୍ୟ । ଏହି ବିଶ୍ୱାସଘାତକାତର ବିନିମୟ ମୂଲ୍ୟ ଥିଲା ତିରିଶିଟି ରୌପ୍ୟ ମୁଦ୍ରା ମାତ୍ର !

କ୍ରୁଶବିଦ୍ଧ ଯୀଶୁ କ୍ଷମା କରିଯାଇଛନ୍ତି ଆମର ଏ ଚକ୍ରବ୍ୟୁହବଦ୍ଧ ସଭ୍ୟତାକୁ । ଚକ୍ରବ୍ୟୁହ! ହାୟ, ଏ ଚକ୍ରବ୍ୟୁହର ଚରିତ୍ର ଏଠି କେବଳ ସତର୍କ ଶତ୍ରୁ ନହେଁ, ପ୍ରିୟତମ ଶିଷ୍ୟ ମଧ୍ୟ ! ପ୍ରତାରଣାର ପ୍ରଚୁର ପର୍ଯ୍ୟାୟ ଅତିକ୍ରମ କରିଆସିଛନ୍ତି ଚକ୍ରବ୍ୟୁହ – ଚକ୍ରବ୍ୟୁହ କବଳିତ କରୁଣ ଶିକାର ମାନେ ।

ଆପଣମାନେ ସକ୍ରେଟିସଙ୍କ ନାଁ ଶୁଣିଥିଲେ । ଖ୍ରୀଷ୍ଟପୂର୍ବ ୪୭୦ରେ ଜନ୍ମ ନେଇଥିଲେ ବିଶ୍ୱପ୍ରସିଦ୍ଧ ଦାର୍ଶନିକ, ମହକାଶ ବିଜ୍ଞାନୀ, ପଣ୍ଡିତ ଶାସ୍ତ୍ରବିଦ୍, ପ୍ରକୃତି ବିଜ୍ଞାନୀ, ନୀତିଶାସ୍ତ୍ରଜ୍ଞ ଲେଖକ, କବି, ରାଜନୈତିକ ସକ୍ରେଟିସ୍ ତାଙ୍କର ଅନେକ ଗବେଷଣାରେ ପ୍ରମାଣସିଦ୍ଧ ତଥ୍ୟ ଓ ତତ୍ତ୍ୱକୁ ସେ ଶୁଣାଉଥିଲେ ଗ୍ରୀକ୍ ଅଧିବାସୀଙ୍କୁ । ତାଙ୍କର ସବୁଠାରୁ ବଡ ତତ୍ତ୍ୱ ଥିଲା - ଅନ୍ଧ ଭାବେ ଈଶ୍ୱର ବିଶ୍ୱାସକୁ ପରିତ୍ୟାଗ କରି ଯୁକ୍ତି ଓ ଅଭିଜ୍ଞତାସିଦ୍ଧ ଜ୍ଞାନକୁ ପ୍ରୟୋଗ କରି ସତ୍ୟକୁ ଜାଣିନେଲେ – ସବୁ ସମସ୍ୟାର ସମାଧାନ ହୋଇଯିବ । ଏହି ସିଦ୍ଧାନ୍ତକୁ ଗ୍ରୀକ୍‌ର ଅଧିକାଂଶ ଶିକ୍ଷିତ ଯୁବଗୋଷ୍ଠୀ ଗ୍ରହଣ କଲେ । ହେଲେ ସେ ସମୟର ମୁଣ୍ଡିଆଳମାନେ ପ୍ରବଳ ପ୍ରତିହିଂସା ବହ୍ନିରେ ଜଳିଲେ । ତାଙ୍କୁ ବନ୍ଦୀ କରି ମିଥ୍ୟା ମକଦ୍ଦମାର ରାୟରେ ମୃତ୍ୟୁଦଣ୍ଡ ଦେଲେ। ନାଁ ସେ କ୍ଷମା ପ୍ରାର୍ଥନା କଲେ ନା ସେ ଦେଶ ଛାଡି ପଳାୟନ କଲେ । ତାକୁ ବିଷ ପିଆଇ ମାରି ଦିଆଗଲା । ସେହି ସକ୍ରେଟିସ୍ ଦିନେ ବତି ଜଳାଇ ରାଜରାସ୍ତାରେ ଖୋଜୁଥିଲେ ଭଲ ମଣିଷ, କିନ୍ତୁ ଜଣକୁ ବି ପାଇଲେନାହିଁ ।

ଗାଲିଲିଓ ପେଲିଲ ୧୫୬୪ରେ ଇଟାଲିରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପଦାର୍ଥ ବିଜ୍ଞାନୀ ଓ ଗଣିତଜ୍ଞ। ସେ କହୁଥିଲେ – କେବଳ ବିଶ୍ୱାସ ବଦଳରେ ନୁହେଁ ବରଂ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଏବଂ ଗାଣିତିକ ପ୍ରମାଣ ଦ୍ୱାରା ପ୍ରକୃତିର ଘଟଣାବଳୀକୁ ଠିକ୍ ଭାବେ ବୁଝାଯାଇ ପାରିବ । ୧୯୦୭ ମସିହାରେ ଏକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ତିଆରି କରି ସେ ଗ୍ରହ ଓ ନକ୍ଷତ୍ରମାନଙ୍କୁ ଅନୁଧ୍ୟାନ କରିବା ସହିତ ବୈଜ୍ଞାନିକ କୋପରନିକସଙ୍କ ସୂର୍ଯ୍ୟକେନ୍ଦ୍ରିକ ବ୍ରହ୍ମାଣ୍ଡ ତତ୍ତ୍ୱ ସମର୍ଥନ କରିଥିଲେ। ଫଳରେ ସେ ସମୟର ଧର୍ମାଧିକାରୀମାନେ ଅଭିଯୋଗ ଆଣିଲେ – ଗାଲିଲିଓ ଈଶ୍ୱର ଓ ଧର୍ମକୁ ଅବମାନନା କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରାଇଛନ୍ତି । ତାକୁ ଗିରଫ କରି କାରାଗାର ଅନ୍ଧକାର ମଧ୍ୟରେ ନିକ୍ଷେପ କରାଗଲା । କୁହାଗଲା– ସେ ଭୁଲ ସ୍ୱୀକାର କରି ନିଜର ତତ୍ତ୍ୱଜ୍ଞାନକୁ ପ୍ରତ୍ୟାଖ୍ୟାନ କଲେ ଦଣ୍ଡ କୋହଳ କରାଯାଇପାରେ । ସତ୍ୟନିଷ୍ଠ ଗାଲିଲିଓ ସତ୍ୟରୁ ଓହରି ନଯାଇ କହିଲେ – 'ଯାହା ସତ୍ୟ ତାକୁହିଁ ଗ୍ରହଣ କରିବା ଛଡା ବିକଳ୍ପ ନାହିଁ । ଇଟାଲିର ଶାସକଶ୍ରେଣୀ, ଧର୍ମାନ୍ଧ ବ୍ୟକ୍ତିମାନେ ପ୍ରତିହିଂସାର ଚରମ ସୀମାକୁ ଯାଇ ଗାଲିଲିଓଙ୍କୁ ଅତ୍ୟନ୍ତ ଅପମାନଜନକ ଭାବେ ଅମାନବୀୟ ନିର୍ଯାତନା ଦେଇ ବର୍ଷ ବର୍ଷ ଧରି କାରାଦଣ୍ଡରେ ଦଣ୍ଡିତ କଲେ । ସତ୍ୟ ପ୍ରତିଷ୍ଠା ଲାଗି ପ୍ରାଣ ହରାଇଥିଲେ ୧୬୪୨ ମସିହାରେ ।

ଚକ୍ରବ୍ୟୁହ ରଚନା କରିଚାଲୁଥିବା ଚରିତ୍ରଗୁଡାକୁ ଆମେ ଚେତନାସ୍ତ୍ର ସହାୟତାରେ ଭୁଲୁଣ୍ଠିତ କରିପାରିବା । ଏହି ଚେତନାସ୍ତ୍ରର ଅଧିକାରୀ ହୋଇପାରିଲେ ହିଁ ଆଜିର 'ଅବର୍ଣ୍ଣନୀୟ' ଓ 'ଅଦୃଶ୍ୟମାନ' ଚକ୍ରବ୍ୟୁହର ଚରିତ୍ର ଅନାୟାସରେ ଚିହ୍ନଟ ହୋଇପାରିବ । ଜଳଜଳ ଦିଶିବ ଛଦ୍ମବେଶର ଛଳନା ସବୁ। ଫୁଲପତ୍ରର ଏହି ପୃଥିବୀରେ ପ୍ରତିହିଂସା ନିଜ ବିଶ୍ୱବୃକ୍ଷର କଣ୍ଟା ବିଛାଇ କେତେ ଯେ ଅଘଟଣ ଘଟାଇଯାଇଛି – କେବଳ ଇତିହାସ ହିଁ ତା'ର ମୂକସାକ୍ଷୀ । ଆମ ଭାରତବର୍ଷରେ ମଧ୍ୟ ବହୁ ମହାମନୁଷ୍ୟ, ସତ୍ୟନିଷ୍ଠ ମଣିଷଙ୍କୁ କମ୍ ନିର୍ଯାତନା ଭୋଗିବାକୁ ପଡିନି । ସବୁଠି କ୍ଷମତା ଓ ସମ୍ପତ୍ତି ଲୋଭରେ ରକ୍ତପାତ। ଏସବୁ ଇତିହାସ ରାମାୟଣ, ମହାଭାରତକୁ ବଳିଯିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆଗାମୀ ୨୬ ଦିନରେ ୧୦ଟି ଟି-୨୦ ମ୍ୟାଚ୍ ଖେଳିବ ଟିମ୍ ଇଣ୍ଡିଆ



**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଟିମ୍ ଇଣ୍ଡିଆ ୨-୧ରେ ନିଜ ନାମରେ କରିନେଇଛି। ଦିନିକିଆ ସିରିଜ୍ ଶେଷ ହେବା ପରେ ବର୍ତ୍ତମାନ କ୍ରିକେଟ୍ ପ୍ରେମୀଙ୍କ ନଜର ଟି୨୦ ସିରିଜ୍ ଉପରେ ଅଛି। ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ଦଳ ବର୍ତ୍ତମାନ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ମୁହାଁମୁହିଁ ହେବ। ଏହାର ଶୁଭାରମ୍ଭ ୬ ଅକ୍ଟୋବରରୁ ହେବାକୁ ଯାଉଛି।

ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ସିରିଜ୍ ସରିବା ମାତ୍ରେ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଯେଉଁଠାରେ ଉଭୟ ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଏହି ଟି୨୦ ସିରିଜ୍ ୨୨ ଅକ୍ଟୋବରରୁ ଆରମ୍ଭ ହେବ। ଏହିପରି ଭାବରେ ଟିମ୍ ଇଣ୍ଡିଆ ମାତ୍ର ୨୬ ଦିନ ଭିତରେ ୧୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବ।

ଟିମ୍ ଇଣ୍ଡିଆ ପାଇଁ ଆଗାମୀ ୨୬ ଦିନ ଅତ୍ୟନ୍ତ ବ୍ୟସ୍ତବହୁଳ ରହିବାକୁ ଯାଉଛି। ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଏସିଆନ ଗେମ୍ସ ୨୦୨୬ରେ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିବା ଟିମ୍ ଇଣ୍ଡିଆ ବର୍ତ୍ତମାନ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳିବ। ଏହାପରେ ଦଳ ନ୍ୟୁଜିଲାଣ୍ଡ ପରିବେଶରେ ଆହୁରି ୫ଟି ଟି୨୦ ମ୍ୟାଚ୍‌ର ସିରିଜ୍ ଖେଳିବ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ଦଳ ଘରୋଇ ପରିସ୍ଥିତିର ଫାଇଦା ଉଠାଇ ନିଜର ଲୟକୁ ଆହୁରି ମଜଭୁତ କରିବାକୁ ଚାହିଁବ, ଅନ୍ୟପଟେ ନ୍ୟୁଜିଲାଣ୍ଡର ଦ୍ରୁତ ଏବଂ ବାଉନ୍ସ ପିଚ୍‌ରେ ବ୍ୟାଟରମାନଙ୍କ କୌଶଳର ଅସଲ ପରୀକ୍ଷା ହେବ।

ଅନ୍ୟପଟେ କ୍ରମାଗତ ମ୍ୟାଚ୍ ଏବଂ ଯାତ୍ରାରେ ଭରପୂର ଏହି ସେଡ୍ୟୁଲ୍‌ରେ ଖେଳାଳିମାନଙ୍କ ଫିଟନେସ୍, ୱାର୍କଲୋଡ୍ ମାନେଜମେଣ୍ଟ ଏବଂ ବେଞ୍ଚ୍ ଷ୍ଟ୍ରେନ୍ଥର ମଧ୍ୟ କଠିନ ପରୀକ୍ଷା ହେବ। ଏଭଳି ସ୍ଥିତିରେ ଟିମ୍ ମାନେଜମେଣ୍ଟ ସାମ୍ନାରେ ଖେଳାଳିମାନଙ୍କ ୱାର୍କଲୋଡ୍ ସବୁଠାରୁ ବଡ଼ ଆହ୍ୱାନ ହେବ। ପ୍ରମୁଖ ଖେଳାଳିମାନଙ୍କୁ ସମସ୍ତ ୧୦ଟି ଯାକ ମ୍ୟାଚ୍‌ରେ ପଡ଼ିଆକୁ ଓହ୍ଲାଇ ଦିଆଯିବ ନା ସେମାନଙ୍କୁ ବିଶ୍ରାମ ଦେଇ ସ୍କ୍ୱାଡ୍‌ରେ ରୋଟେସନ୍ ପଦ୍ଧତି ଆପଣାଯିବ ତାହା ଆଗାମୀ ଦିନରେ ଜଣା ପଡିବ।

ଭାରତ-ୱେଷ୍ଟଇଣ୍ଡିଜ୍ ଟି୨୦ ସିରିଜର ପୂରା ସେଡ୍ୟୁଲ୍ : ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଭାରତର ହିଁ ବିଭିନ୍ନ ସହରରେ ଖେଳାଯିବ। ଏହି ସିରିଜର ପ୍ରଥମ ମୁକାବିଲା ୬ ଅକ୍ଟୋବରରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବ। ଏହାପରେ ଉଭୟ ଦଳ ରାଞ୍ଚି, ଇନ୍ଦୋର, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ବାକି ମ୍ୟାଚ୍‌ଗୁଡ଼ିକ ଖେଳିବେ।

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ସିରିଜ୍ ଶେଷ ହେବା ପରେ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଏହି ଗସ୍ତରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ନ୍ୟୁଜିଲାଣ୍ଡ ମାଟିରେ ହିଁ ଖେଳିବ। ଏହି ସିରିଜର ପ୍ରଥମ ମ୍ୟାଚ୍ ୨୨ ଅକ୍ଟୋବରରୁ କ୍ରାଇଷ୍ଟଚର୍ଚ୍ଚଠାରେ ଆରମ୍ଭ ହେବ। ଏହାପରେ ବାକି ମ୍ୟାଚ୍‌ଗୁଡ଼ିକ ୱେଲିଙ୍ଗଟନ୍, ଅକଲାଣ୍ଡ ଏବଂ ହାମିଲଟନ୍‌ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ଜମ୍ମୁ-କାଶ୍ମୀରକୁ ୧୬୭ ରନ୍‌ରେ ପରାସ୍ତ କରି ଇରାନୀ କପ୍ ଜିତିଲା ରେଷ୍ଟ ଅଫ୍ ଇଣ୍ଡିଆ



**ଶ୍ରୀନଗର**

ରେଷ୍ଟ ଅଫ୍ ଇଣ୍ଡିଆ ୨୦୨୬ ଇରାନୀ କପ୍ ଟାଇଟଲ୍ ଜିତି ନେଇଛି। ଫାଇନାଲ ମ୍ୟାଚ୍‌ରେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ରେଷ୍ଟ ଅଫ୍ ଇଣ୍ଡିଆ ରଣଜୀ ଟ୍ରଫି ଚାମ୍ପିଅନ୍ ଜମ୍ମୁ-କାଶ୍ମୀରକୁ ୧୬୭ ରନ୍‌ରେ ପରାସ୍ତ କରିଛି। ଉଭୟ ଇନିଂସରେ ଅଧିନାୟକ ଋଷଭ ପନ୍ତଙ୍କ ବ୍ୟାଟ୍ ଚାଲିନଥିଲା, କିନ୍ତୁ ସେ ଚମତ୍କାର ଅଧିନାୟକତ୍ୱ କରିଥିଲେ। ଉପ-ଅଧିନାୟକ ସରଫରାଜ ଖାନ୍ ପ୍ରଥମ ଇନିଂସରେ ୪୫ ରନ୍ କରିଥିଲେ, କିନ୍ତୁ ଦ୍ୱିତୀୟ ଇନିଂସରେ ସେ ଖାତା ନଖୋଲି ଆଉଟ୍ ହୋଇ ଯାଇଥିଲେ। ରେଷ୍ଟ ଅଫ୍ ଇଣ୍ଡିଆ ପାଇଁ ମୁକେଶ କୁମାର ଏବଂ ସ୍ମରଣ ରବିଚନ୍ଦ୍ରନ୍ ବିଜୟର ହିରୋ ରହିଥିଲେ।

ରେଷ୍ଟ ଅଫ୍ ଇଣ୍ଡିଆ ନିଜର ପ୍ରଥମ ଇନିଂସରେ ମାତ୍ର ୨୩୭ ରନ୍ କରିଥିଲା। ଏହାପରେ ଜମ୍ମୁ-କାଶ୍ମୀର ଦଳ ପ୍ରଥମ ଇନିଂସରେ ୨୭୮ ରନ୍ କରି ୪୧ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ରେଷ୍ଟ ଅଫ୍ ଇଣ୍ଡିଆ ୩୧୯ ରନ୍ ସଂଗ୍ରହ କରିଥିଲା। ଏହିପରି ଭାବରେ ଜମ୍ମୁ-କାଶ୍ମୀର ସମ୍ମୁଖରେ ୨୭୮ ରନ୍‌ର ଲକ୍ଷ୍ୟ ରହିଥିଲା। ରେଷ୍ଟ ଅଫ୍ ଇଣ୍ଡିଆର ବୋଲରମାନେ ମାରାତ୍ମକ ବୋଲିଂ କରିଥିଲେ ଏବଂ ଜମ୍ମୁ-କାଶ୍ମୀରକୁ ଦ୍ୱିତୀୟ ଇନିଂସରେ ମାତ୍ର ୧୧୧ ରନ୍‌ରେ ଅଲ୍‌ଆଉଟ୍ କରିଦେଇଥିଲେ। ଦ୍ୱିତୀୟ ଇନିଂସରେ ମୁକେଶ କୁମାର ୬ଟି ୱିକେଟ୍ ନେଇଥିବା ବେଳେ ଆକାଶ ଦୀପଙ୍କୁ ୩ଟି ସଫଳତା ମିଳିଥିଲା।

୨୭୯ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଜମ୍ମୁ-କାଶ୍ମୀର କେବଳ ମ୍ୟାଚ୍ ଡ୍ର କରିଥିଲେ ମଧ୍ୟ ଟ୍ରଫି ପାଇ ପାରିଥାନ୍ତା। କିନ୍ତୁ ମୁକେଶ କୁମାର ଏବଂ ଆକାଶ ଦୀପଙ୍କ ମାରାତ୍ମକ ବୋଲିଂ ସାମ୍ନାରେ ଜମ୍ମୁ-କାଶ୍ମୀର ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୧୧ ରନ୍‌ରେ ଧରାଶାୟୀ ହୋଇଯାଇଥିଲା।

ଓପନିଂ ବ୍ୟାଟ୍ସମ୍ୟାନ୍ ଶୁଭମ ଖଜୁରିଆ (୩୨) ଏବଂ କାମରାନ୍ ଇକ୍‌ବାଲ୍ (୩୨) ପ୍ରଥମ ୱିକେଟ୍ ପାଇଁ ୫୪ ରନ୍ ଯୋଡ଼ି ଦଳକୁ ଏକ ଚମତ୍କାର ଆରମ୍ଭ ଦେଇଥିଲେ। ଇକ୍‌ବାଲ୍‌ଙ୍କୁ ଏଲବିଡବ୍ଲୁ ଆଉଟ୍ କରି ଆକାଶ ଦୀପ ଏହି ଭାଗିଦାରୀକୁ ଭାଙ୍ଗିଥିଲେ। ମୁକେଶ ମଧ୍ୟାହ୍ନ ଭୋଜନ ପୂର୍ବରୁ ଠିକ୍ ୧୫ତମ ଓଭରରେ କ୍ରମାଗତ ଦୁଇଟି ବଲ୍‌ରେ ଶୁଭମ ପୁଣ୍ଡିର ଏବଂ ଅଧିନାୟକ ପାରସ ଡୋଗ୍ରାଙ୍କୁ ଆଉଟ୍ କରି ଜମ୍ମୁ-କାଶ୍ମୀରକୁ ଏକ ଡବଲ୍ ଝଟ୍‌କା ଦେଇଥିଲେ।

ମଧ୍ୟାହ୍ନ ଭୋଜନ ଶେଷ ସୁଦ୍ଧା ଜମ୍ମୁ-କାଶ୍ମୀରର ସ୍କୋର ୧୯ ଓଭରରେ ତିନି ୱିକେଟ୍ ହରାଇ ୮୯ ରନ୍ କରିଥିଲା। ଖଜୁରିଆ ୩୬ ଏବଂ ଅବ୍ଦୁଲ ସମଦ ଛଅ ରନ୍ କରି କ୍ରିଜ୍‌ରେ ଥିଲେ। ଲଞ୍ଚ୍ ପରେ ପ୍ରଥମ ବଲ୍‌ରେ ହିଁ ଆକାଶ ଦୀପ, ଖଜୁରିଆଙ୍କୁ ପଭିଲିୟନ ପଠାଇ ଦେଇଥିଲେ। ଏହାପରେ ଜମ୍ମୁ-କାଶ୍ମୀରର ବ୍ୟାଟିଂ ଲାଇନଅପ୍ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲା ଏବଂ ଦଳ ପରବର୍ତ୍ତୀ ୯ ଓଭରରେ ମାତ୍ର ୨୨ ରନ୍ ସଂଗ୍ରହ କରି ଛଅଟି ୱିକେଟ୍ ହରାଇଥିଲା।

ମ୍ୟାଚ୍‌ରେ ଆକାଶ ଦୀପଙ୍କ ଚମତ୍କାର ପ୍ରଦର୍ଶନ ଦେଖି ଭାରତୀୟ ଦଳର ମ୍ୟାନେଜମେଣ୍ଟ ମଧ୍ୟ ବହୁତ ଖୁସି ଥିବ। କାରଣ ସେ ମୋଟ ୨୩.୩ ଓଭର ବୋଲିଂ କରି ଛଅଟି ୱିକେଟ୍ ହାସଲ କରିଛନ୍ତି। ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତକୁ ଦୃଷ୍ଟିରେ ରଖି ଆକାଶଙ୍କ ଏହି ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଆଘାତରୁ ସୁସ୍ଥ ହେବା ପରେ ସେ ବର୍ତ୍ତମାନ ଚୟନ ପାଇଁ ସମ୍ପୂର୍ଣ୍ଣ ଫିଟ୍ ଥିବା ଜଣାପଡୁଛନ୍ତି।

# ଏସିଆନ ଗେମ୍ସ : ଉଦ୍‌ଯାପନୀ ସମାରୋହରେ ଭାରତର ଧ୍ୱଜବାହକ ହେଲେ ନୀରୁ ଢାଣ୍ଡା



**ନାଗୋୟା**

ଜାପାନର ନାଗୋୟା ସିଟି ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬, ରଙ୍ଗାରଙ୍ଗ ଉଦ୍‌ଯାପନୀ ସମାରୋହ ସହ ସମାପ୍ତ ହୋଇଛି। ଏହି ଐତିହାସିକ ଅବସରରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ତାରକା ଶୁଟର ନୀରୁ ଢାଣ୍ଡା, ଭାରତର ଧ୍ୱଜବାହାକ ହୋଇଥିଲେ। ନୀରୁ ଖୁବ୍ ଗର୍ବର ସହ ଭାରତର ଜାତୀୟ ପତାକା ତ୍ରିରଙ୍ଗାକୁ ଆକାଶରେ ଉଡ଼ାଇ ମାର୍ଚ୍ଚ ପାଷ୍ଟର ନେତୃତ୍ୱ ନେଇଥିଲେ।

ଉଦ୍‌ଯାପନୀ ସମାରୋହ ସମୟରେ ଯେତେବେଳେ ଭାରତୀୟ ଦଳ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କଲା, ସମଗ୍ର ପରିବେଶ ଭାରତ ମାତା କି ଜୟ ନାରାରେ ପ୍ରକମ୍ପିତ ହୋଇ ଉଠି ଥିଲା। ଶ୍ରୀଲଙ୍କା ଓ ଚୀନ୍ ପରେ ଯେତେବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ପଡ଼ିଆରେ ପାଦ ଥାପିଲେ, ସେମାନଙ୍କ ଚେହେରାରେ ଦେଶ ପାଇଁ ପଦକ ଜିତିବାର ଗର୍ବ ସ୍ପଷ୍ଟ ବାରି ହୋଇପଡୁଥିଲା। ହାତରେ ଛୋଟ ଛୋଟ ତ୍ରିରଙ୍ଗା ପତାକା ଧରି ଏବଂ ବିଜୟର ଚିହ୍ନ ଦେଖାଇ ଭାରତୀୟ ଖେଳାଳିମାନେ ନେଇଥିବା ଫଟୋ ସବୁ ପ୍ରଶଂସକଙ୍କ ହୃଦୟ ଜିତି ନେଇଛି। ଥାଇଲ୍ୟାଣ୍ଡ ଓ କାମ୍ବୋଡିଆର ଖେଳାଳିଙ୍କ ପୂର୍ବରୁ ଭାରତୀୟ ଦଳ ସମ୍ପୂର୍ଣ୍ଣ ଷ୍ଟାଡିୟମ୍ ପରିକ୍ରମା କରିଥିଲା।

ଏଥର ଭାରତ ଏସୀୟ କ୍ରୀଡ଼ା ୨୦୨୬ର ପଦକ ତାଲିକାରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି କାଂସ୍ୟ ସହ ସମୁଦାୟ ୮୫ଟି ପଦକ ଜିତି ଚତୁର୍ଥ ସ୍ଥାନ ବଜାୟ ରଖିଛି। ଯଦିଓ ଏହି ସଂଖ୍ୟା ହାଙ୍ଗଝୋଉର ୧୦୬ଟି ପଦକ ତୁଳନାରେ ସାମାନ୍ୟ କମ୍, ତଥାପି ଭାରତୀୟ ଖେଳାଳିଙ୍କ ଉତ୍ସାହ ଓ ଜୋଶ୍‌ରେ କୌଣସି ଅଭାବ ଦେଖାଯାଇନଥିଲା। ସମାରୋହରେ ପୋଡିୟମରେ ତ୍ରିରଙ୍ଗା ଉଡ଼ିବା ଏବଂ ଆଥଲେଟ୍‌ମାନଙ୍କ ଉତ୍ସବ ପାଳନର ଦୃଶ୍ୟ ସାକ୍ଷୀ ଦିଏ ଯେ ଅନେକ ଯୁବ ତାରକା ଏହି ବିଶ୍ୱସ୍ତରୀୟ ମଞ୍ଚରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ଏବଂ ଭାରତର ଗୌରବ ବୃଦ୍ଧି କରିଛନ୍ତି।

# ଆସନ୍ତା ୬ରୁ ଅଷ୍ଟ୍ରେଲିଆ-ଏ' ବିପକ୍ଷରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିବ ଇଣ୍ଡିଆ-ଏ'

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଅକ୍ଟୋବର ୬ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଟି-୨୦ ସିରିଜ୍ ଖେଳିବାକୁ ଯାଉଛି। ଏହି ସମୟରେ, ଅନ୍ୟ ଏକ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବ; ବିଶେଷ ଭାବରେ, ଅକ୍ଟୋବର ୬ରୁ 'ଇଣ୍ଡିଆ ଏ' ଏବଂ 'ଅଷ୍ଟ୍ରେଲିଆ ଏ' ମଧ୍ୟରେ ଏକ ଦିନିକିଆ ସିରିଜ୍ ଆରମ୍ଭ ହେବ। ଋତୁରାଜ ଗାଏକ୍‌ୱାଡ଼ଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଖେଳିବ, ଯେତେବେଳେ କି ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ସିରିଜରୁ ବାଦ୍ ଦିଆଯାଇଛି।

ଅଷ୍ଟ୍ରେଲିଆ 'ଏ' ଦଳର ଭାରତ ଗସ୍ତ ସେପ୍ଟେମ୍ବର ୨୨ରେ ଆରମ୍ଭ ହୋଇଥିଲା। ସେମାନେ ପ୍ରଥମେ 'ଇଣ୍ଡିଆ ଏ' ବିପକ୍ଷରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଥିଲେ, ଯାହାକୁ ଭାରତୀୟ ଦଳ ୧-୦ରେ ଜିତି ନେଇଥିଲା। 'ଇଣ୍ଡିଆ ଏ' ପ୍ରଥମ ଅନଅଫିସିଆଲ ଟେଷ୍ଟକୁ ୧୬୨ ରନରେ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ଟି ଡ୍ର'ରେ ଶେଷ ହୋଇଥିଲା। ବର୍ତ୍ତମାନ, ଉଭୟ ଦଳ ଅକ୍ଟୋବର ୬ରୁ ଅକ୍ଟୋବର ୧୧ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବେ।

ଏହି ଦିନିକିଆ ସିରିଜ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ 'ଇଣ୍ଡିଆ ଏ' ଦଳରେ ସାମିଲ କରାଯାଇଥିଲା; ତଥାପି, ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇନଥିବାରୁ ତାଙ୍କୁ ଆଗାମୀ ସିରିଜରୁ ଓହରିବାକୁ ପଡ଼ିଛି। ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରାଯାଇଛି।

ସର୍ବଶେଷ ଖବର ଅନୁଯାୟୀ, ବିସିସିଆଇର 'ସେଣ୍ଟର ଅଫ ଏକ୍ସଲେନ୍ସ'ର ମତ ଯେ ହାର୍ଦ୍ଦିକଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଯଥେଷ୍ଟ ସମୟ ଲାଗିପାରେ। ଫଳରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ତାଙ୍କର ଫେରିବାର ସମ୍ଭାବନା ମଧ୍ୟ କମିଯାଇଛି। ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଦିନିକିଆ ସିରିଜ୍‌ରେ ରଜତ ପାଟିଦାର, ଦେବଦତ୍ତ ପଡିକାଲ ଏବଂ ସାଇ ସୁଦର୍ଶନ ମଧ୍ୟ ଖେଳିବେ, ଯେତେବେଳେ କି ଋତୁରାଜ ଗାଏକ୍ୱାଡ ଦଳର ନେତୃତ୍ୱ ନେବେ।

ଭାରତ 'ଏ' ଏବଂ ଅଷ୍ଟ୍ରେଲିଆ 'ଏ' ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଅକ୍ଟୋବର ୬ରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୯ରେ ଏବଂ ଅନ୍ତିମ ମ୍ୟାଚ୍ ଅକ୍ଟୋବର ୧୧ରେ ଅନୁଷ୍ଠିତ ହେବ। ଏହି ତିନୋଟିଯାକ ମ୍ୟାଚ୍ ପୁଡୁଚେରୀସ୍ଥିତ କ୍ୟାପ୍ସ ଗ୍ରାଉଣ୍ଡରେ ଖେଳାଯିବ।

# ଏସିଆନ ଗେମ୍ସରେ ଭାରତର ସ୍ୱର୍ଣ୍ଣିମ ସଫଳତା ପାଇଁ ବାଲୁକା କଳାରେ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟ ସାରା ଦେଶରେ ଖୁସିର ମାହୋଲ ସୃଷ୍ଟି କରିଛି। କେବଳ ହକି ନୁହେଁ, କ୍ରିକେଟରେ ମଧ୍ୟ କମାଲ ଦେଖାଇଛି ଟିମ୍ ଇଣ୍ଡିଆ। ଭାରତୀୟ ଦଳର ଏହି ଐତିହାସିକ ସଫଳତାକୁ ନିଆରା ଢଙ୍ଗରେ ସେଲିବ୍ରେଟ୍ କରିଛନ୍ତି ପୁରୀର କଳାକାର।

ପୁରୀସ୍ଥିତ ସୁଦର୍ଶନ ଆର୍ଟ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସ୍ୟାଣ୍ଡ ଆର୍ଟ ଆନିମେସନ ଜରିଆରେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଯାଇଛି। ମନୋଲିସା ମହାରଣା ଓ ସୋନାଲି ଆଲୋକ ସ୍ୱତନ୍ତ୍ର ସ୍ୟାଣ୍ଡ ଆର୍ଟ ଆନିମେସନ ପ୍ରସ୍ତୁତ କରି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଆନିମେସନରେ 'ଇତିହାସ ରଚିଥିବା ଦୁଇ ଦଳ, ଅଭିନନ୍ଦନ' ବାର୍ତ୍ତା ଦିଆଯାଇଛି। ବଡ଼ କଥା ହେଉଛି, ଦୁଇ ଛାତ୍ରୀ ମାତ୍ର ଅଧଘଣ୍ଟା ମଧ୍ୟରେ ଏହି ସୁନ୍ଦର ସ୍ୟାଣ୍ଡ ଆର୍ଟ ଆନିମେସନ ପ୍ରସ୍ତୁତ କରିଥିଲେ। ନିଜର ସୃଜନଶୀଳତା ଓ ପ୍ରତିଭା ଜରିଆରେ ଭାରତୀୟ ଦଳର ଐତିହାସିକ ବିଜୟକୁ ସେମାନେ ଅଭିନନ୍ଦନ ଜଣାଇଛନ୍ତି। ସେପଟେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ପୁରୀ ବେଳାଭୂମିରେ ବାଲୁକା କଳା ଜରିଆରେ ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ଖେଳାଳିଙ୍କ ସଫଳତାକୁ ନେଇ ଏଭଳି ନିଆରା ଶୁଭେଚ୍ଛା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ଟାଟା ଷ୍ଟିଲ୍‌ର 'ୱି ଫର୍ ଚେଞ୍ଜ' ଅଭିଯାନ




**ଯାଜପୁର/କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଗାନ୍ଧୀ ଜୟନ୍ତୀ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ସାମୂହିକ ନେତୃତ୍ୱ ତଥା ଦାୟିତ୍ୱବୋଧର ନିଦର୍ଶନ ଦେଖିବାକୁ ମିଳିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର 'ଦିଶା' କାର୍ଯ୍ୟକ୍ରମ ସହ ଜଡ଼ିତ ମହିଳା ଅଂଶୀଦାରମାନେ 'ୱି ଫର୍ ଚେଞ୍ଜ' ପଦକ୍ଷେପ ଅଧୀନରେ କଳିଙ୍ଗନଗର ଓ ଏହାର ଆଖପାଖ ଚାରୋଟି ଗ୍ରାମରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶାଳିଜଙ୍ଗା, ଭରଦାପୋଷି, ବାରଗାଡ଼ିଆ ଏବଂ ତେଲିବାହାଲି ଗ୍ରାମରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଦିଶା' କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ସମୁଦାୟ ୧୫୦ ଜଣ ମହିଳା ଚେଞ୍ଜମେକର୍ ସ୍ୱେଚ୍ଛାକୃତ ଭାବେ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ସର୍ବସାଧାରଣ ସ୍ଥାନଗୁଡ଼ିକର ସଫେଇ କରିବା ସହିତ ସ୍ୱଚ୍ଛତା, ପରିମଳ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଭରଦାପୋଷି ଗ୍ରାମରେ ସୁରକ୍ଷିତ ତଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସର୍ବସାଧାରଣ ନଳକୂପ ଓ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକୁ ମଧ୍ୟ ସଫା କରାଯାଇଥିଲା। ଏହି ଅବସରରେ ଚାନ୍ଦିଆ ଗ୍ରାମ-ପଞ୍ଚାୟତ ସରପଞ୍ଚ ପାଣ୍ଡୁ ସିଂହ ଖୁଣ୍ଟିଆ, ଶାଳିଜଙ୍ଗା ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ଖପୁରିଆପଦା ନାଏବ ସରପଞ୍ଚ ଶୁଭଶ୍ରୀ ସାମଲ, ମାଷ୍ଟର ବୁକ୍ କିପର (ଏମବିକେ) ହିମାଦ୍ରୀ ମହାନ୍ତ ଓ ମମତା ରାଉତଙ୍କ ସମେତ ମିଶନ ଶକ୍ତି ଅଧୀନରେ ଥିବା ଓଡ଼ିଶା ଜୀବିକା ମିଶନ (ଓଏଲଏମ)ର ପ୍ରତିନିଧିମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

'ଦିଶା' କାର୍ଯ୍ୟକ୍ରମ ଜରିଆରେ ଟାଟା ଷ୍ଟିଲ୍ ଗୋଷ୍ଠୀ ଉନ୍ନୟନ ତଥା ସ୍ଥାନୀୟ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ନେତୃତ୍ୱ ଏବଂ ଅଂଶଗ୍ରହଣକୁ ନିରନ୍ତର ଉତ୍ସାହିତ କରିଆସୁଛି। 'ୱି ଫର୍ ଚେଞ୍ଜ' ଭଳି ପଦକ୍ଷେପ ମହିଳାମାନଙ୍କୁ ତୃଣମୂଳ ସ୍ତରର ସମସ୍ୟା ସମାଧାନରେ ଆଗଭର ହେବା, ସାମୂହିକ ଭାଗୀଦାରିତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ତଥା ସମାବେଶୀ ସମାଜ ଗଠନ ଦିଗରେ ନେତୃତ୍ୱ ନେବାକୁ ପ୍ରେରଣା ଯୋଗାଉଛି।

# ଦିନିକିଆ ତ୍ରାଇ-ସିରିଜ୍ ପାଇଁ ଦଳ ଘୋଷଣା କଲା ଶ୍ରୀଲଙ୍କା

**କଲମ୍ବୋ**

ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ପାକିସ୍ତାନରେ ଖେଳାଯିବାକୁ ଥିବା ଦିନିକିଆ ତ୍ରାଇ-ସିରିଜ୍ ପାଇଁ ୧୬ ଜଣିଆ ଦଳ ଘୋଷଣା କରିଛି। ଏହି ତ୍ରାଇ-ସିରିଜ୍‌ରେ ଶ୍ରୀଲଙ୍କା ଏବଂ ପାକିସ୍ତାନ ବ୍ୟତୀତ ଇଂଲଣ୍ଡ ଦଳ ଭାଗ ନେବ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଉପ-ଅଧିନାୟକ ଥିବା ପୂର୍ବତନ ଅଧିନାୟକ ଚରିତ ଅସଲଙ୍କାଙ୍କୁ ଏହି ତ୍ରାଇ-ସିରିଜ୍ ପାଇଁ ଚୟନ କରାଯାଇ ନାହିଁ। ଏହାଛଡ଼ା ବିସ୍ଫୋରକ ଓପନର୍ ଅଭିଷ୍କା ଫର୍ଣ୍ଣାଣ୍ଡୋଙ୍କର ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ ହୋଇଛି। ଏହି ତ୍ରାଇ-ସିରିଜ୍ ୧୮ ଅକ୍ଟୋବରରୁ ରାୱଲପିଣ୍ଡିରେ ଆରମ୍ଭ ହେବ ଏବଂ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ମିଷ୍ଟ୍ରି ସ୍ପିନର୍ ୱାନିନ୍ଦୁ ହସରଙ୍ଗା ଇଂଲଣ୍ଡ ଗସ୍ତ ସମୟରେ ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ବାଦ୍ ପଡ଼ିଛନ୍ତି। ଅସଲଙ୍କା ଇଂଲଣ୍ଡ ଗସ୍ତ ପାଇଁ ଲିଡରସିପ୍ ଗ୍ରୁପ୍‌ର ଅଂଶ ଥିଲେ ଏବଂ ଉପ-ଅଧିନାୟକ ଦାୟିତ୍ୱ ତୁଲାଉଥିବାର ନଜର ଆସିଥିଲେ।

ତ୍ରାଇ-ସିରିଜ୍ ପାଇଁ ଶ୍ରୀଲଙ୍କାର ସ୍କ୍ୱାଡ୍ : କୁସଲ ମେଣ୍ଡିସ୍ (ଅଧିନାୟକ), ପଥୁମ୍ ନିସାଙ୍କା, ଅଭିଷ୍କା ଫର୍ଣ୍ଣାଣ୍ଡୋ, କାମିଲ୍ ମିଶାରା, ପବନ ରଥନାୟକେ, ସହାନ ଅରାଛିଗେ, କାମିଣ୍ଡୁ ମେଣ୍ଡିସ୍, ଜେନିଥ୍ ଲିୟାନଗେ, ଦାସୁନ୍ ଶନକା, ଦୁନିଥ୍ ୱେଲାଲାଗେ, ମହୀଶ ତୀକ୍ଷଣା, ସଚିନ୍ଦୁ କୋଲମ୍ବେଜ୍, ଦୁଷ୍ମନ୍ତ ଚମୀରା, ଅସିଥା ଫର୍ଣ୍ଣାଣ୍ଡୋ, ଦିଲଶାନ ମଦୁଶଙ୍କା, ଈଶାନ ମାଲିଙ୍ଗା।

# ବରଗଡ଼କୁ ହରାଇ ସାହାଣୀ କପ୍ ଫୁଟବଲ୍ ସୁବର୍ଣ୍ଣପୁର ଜୋନ୍ ଚାମ୍ପିଅନ ହେଲା କଟକ ଦଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




୬୫ତମ ସାହାଣୀ କପ୍ ଫୁଟବଲ୍ ସୁବର୍ଣ୍ଣପୁର ଜୋନ୍‌ର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ କଟକ ଓ ବରଗଡ଼ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଶେଷ ମୁହୂର୍ତ୍ତରେ ୮୮ ମିନିଟ୍‌ରେ କଟକ ଦଳର ୧୮ ନମ୍ବର ଜର୍ସି ବିଜୟ ବେହେରା ଗୋଲ ସ୍କୋର କରି ଦଳକୁ ସାହାଣୀ କପ୍ ଫୁଟବଲ୍ ସୁବର୍ଣ୍ଣପୁର ଜୋନ୍ ଚାମ୍ପିଅନ କରାଇବାରେ ସକ୍ଷମ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏହି ଭବ୍ୟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାଏକ, ଏଡିଏମ୍ ଅଞ୍ଜଳିନା ପଧାନ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର ପ୍ରାକ୍ତନ ଉପ ସଭାପତି ଶତ୍ରୁଘ୍ନ ସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, କ୍ରୀଡ଼ା ସଂଘ ସହ ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀ, ସୋନପୁର ବ୍ଲକ୍ ଅଧକ୍ଷ ପ୍ରହଲ୍ଲାଦ ନାଏକ୍, ବୀରମହାରାଜପୁର ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା, ପ୍ରାକ୍ତନ ନିଗମ ଅଧକ୍ଷ ଅଭିମନ୍ୟୁ କୁଶଳ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ଓତା, ରାଜ୍ୟ ବିଜେଡି ଯୁବନେତା ଅମୀୟ ରଞ୍ଜନ ଦାଶ, ପ୍ରାକ୍ତନ ପୌର ଅଧକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାରଣା, ଜିଲ୍ଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ସଂମ୍ପାଦକ ପ୍ରଦୀପ ସେଠୀ ଯୋଗ ଦେଇ ବିଜେତା ଦଳ ବରଗଡ଼ ଓ ବିଜେତା ଦଳ କଟକକୁ ଟ୍ରଫି ଓ ସମ୍ବର୍ଦ୍ଧିତ କରିଥିଲେ। ୧ ତାରିଖ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ଦୀନବନ୍ଧୁ ଦାସଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଫାଓର ମ୍ୟାଚ୍ କମିଶନର ନବୀନ ନାୟକ, ସିଲେକ୍ଟର ଅମରେନ୍ଦ୍ର ସିଂହ, ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଓର ସମସ୍ତ ରେଫରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପଡ଼ିଆ ସାଜସଜ୍ଜା ସ୍ୱଚ୍ଛତା ଓ ପ୍ରସ୍ତୁତି ପାଇଁ ପୌର କର୍ମଚାରୀ ମହେଶ୍ୱର ସୁନାଙ୍କୁ ଟିମ୍‌ର ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୃଜନ ନାଗ ୟୁଟୁଭର ଡାଇରେକ୍ଟର ରାକେଶ ନାଗଙ୍କୁ ୟୁଟୁଭର ସାଇନିଙ୍ଗ ଷ୍ଟାର ନିର୍ଦ୍ଦେଶକ ଓ କଣ୍ଟେଣ୍ଟ କ୍ରିଏଟର ସୋସିଆଲ ମିଡିଆ ପ୍ରଜ୍ଞାସିଶ ଖଟୁଆ, ସୋହମ୍ ସାହୁ, ସ୍ୱାଗତ ମେହେର, ରାମଧୂନ କ୍ଲବ୍ ଭିଡିଓଗ୍ରାଫର ଅଙ୍କିତ ଦାଶ ଓ ବେଷ୍ଟ ଭୋଲେଣ୍ଟିଅର ଅନିଲ ସାହୁ, ଦୁଃଖୀରାମ ତାଣ୍ଡି (ଚାପ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସହଯୋଗୀ ଅଫିସିଆଲ୍ ଭାବେ ସଞ୍ଜୟ ସାହୁ, ମଞ୍ଚ ପରିଚାଳନା, ଅତିଥି ସ୍ୱାଗତ ଓ ଉଦ୍‌ଘୋଷକ ଭାବେ ଅଧ୍ୟାପକ ମଦନ ସୁନ୍ଦର ଖେତି ଓ ମନୋରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରାମର୍ଶଦାତା ଓ ସହଯୋଗୀ ଗୋବିନ୍ଦ ମହାରଣା, ରାଜ କିଶୋର ତ୍ରିପାଠୀ, ମହାଦେବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଜିଲ୍ଲା କ୍ରୀଡ଼ା ସଂଘର କିଛି ସକ୍ରିୟ ସଦସ୍ୟ ଓ ପ୍ରତ୍ୟକ୍ଷ ତତ୍ତ୍ୱାବାଧାନରେ ଅୟୋଜନ କରିଥିବା କ୍ରୀଡ଼ା ସଂଘର ସମ୍ପାଦକ ପିୟୁଷ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ ପୁରସ୍କାର ବିତରଣୀ ଉତ୍ସବର ସଭା ପରିଚାଳନା କରିଥିବା ବେଳେ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ଓ ଅଧ୍ୟାପକ ମଦନ ସୁନ୍ଦର ଖେତି ଓ ଦିଗାମ୍ବର ଶତପଥୀ ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। ସାହାରା ଟ୍ରଷ୍ଟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବ୍ୟାଣ୍ଡ ଦଳର ଦେଶାତ୍ମବୋଧକ ସଙ୍ଗୀତ ଧୂନ୍ ଓ ବିଜୁ ପଟ୍ଟନାୟକ ଯୁକ୍ତ ଦୁଇ କଲେଜ୍‌ର ଛାତ୍ରୀଙ୍କ ଦ୍ୱାରା ସମସ୍ତ ଅତିଥି ଖେଳାଳି ଓ ଅଫିସିଆଲ୍ସଙ୍କୁ ପଡ଼ିଆରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିକାଶ ପଣ୍ଡା, ସୁମନ ମିଶ୍ର, ବିକାଶ ପାଢ଼ୀ, ବିଦ୍ୟାଧର ମିଶ୍ର, ସୁବାଷ ବିଶ୍ୱାଳ, ରାଜୀବ ସାହୁ, ରାଜ କୁମାର ନାଏକ, ଗୁରୁ ଦଳେଇ, ଜିଲୁ ସାହୁ, ହୃଷିକେଶ ପଣ୍ଡା, ରବି ଦେହୁରୀ, ପ୍ରିତମ ପଣ୍ଡା, ୟାସର ମହମ୍ମଦ, ପୁରେନ ନାଏକ, ରଞ୍ଜିତ ସାହୁ, ବୁବୁନ ନାଏକ, ଅମିତ ସାହୁ, ଦିଲ୍ଲୀପ ସାହୁ, ରିପୁନ ନାଏକ, ଚନ୍ଦନ ବେହେରା, ସିପୁନ ନାଏକ, ସନ୍ତୋଷ ପାଢ଼ୀ, ଚନ୍ଦନ ସାହୁ, ଅମିତ ସାହୁ, ଜଗୁ ଦଳେଇ, ମଧୁସୂଦନ ମେହେର,ଚନ୍ଦନ ସାହୁ, ଚାହତ ମହଲଦାର ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଧୋନୀଙ୍କ ଗୁରୁମନ୍ତ୍ର ପାଇଁ ଭାରତକୁ ହରାଇଲା ୱେଷ୍ଟଇଣ୍ଡିଜ୍ : ସାଇ ହୋପ୍

**ନ୍ୟୁଚଣ୍ଡିଗଡ଼**



ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜର ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆକୁ ୫ ୱିକେଟରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ପ୍ରାରମ୍ଭିକ ଦୁଇଟି ଦିନିକିଆ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ପରେ ୱେଷ୍ଟଇଣ୍ଡିଜ୍ ଉପରେ କ୍ଲିନ୍ ସ୍ୱିପ୍ ହେବାର ସଙ୍କଟ ଦେଖାଦେଇଥିଲା, କିନ୍ତୁ ନ୍ୟୁ ଚଣ୍ଡୀଗଡ଼ରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଇଣ୍ଡିଜ୍ ଅଧିନାୟକ ସାଇ ହୋପ୍ ଏକ ଚମତ୍କାର ଶତକୀୟ ପାଳି ଖେଳି ନିଜ ଦଳକୁ ବିଜୟୀ କରାଇଥିଲେ। ହୋପ୍‌ଙ୍କ ଅପରାଜିତ ୧୬୨ ରନର ଚମତ୍କାର ପାଳି ବଳରେ ୱେଷ୍ଟଇଣ୍ଡିଜ୍ ୩୫୨ ରନର ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି।

ଦିନିକିଆ କ୍ରିକେଟରେ ଏହା ୱେଷ୍ଟଇଣ୍ଡିଜ୍‌ର ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ରନ୍ ଚେଜ୍ ଥିଲା। ସେହିପରି, ମ୍ୟାଚ୍ ପରେ ହୋପ୍ ନିଜ ପାଳି ଏବଂ ଦଳର ଐତିହାସିକ ବିଜୟର ଶ୍ରେୟ ପୂର୍ବତନ ଭାରତୀୟ ଅଧିନାୟକ ଏମଏସ ଧୋନିଙ୍କୁ ଦେଇଛନ୍ତି। ସେ କହିଛନ୍ତି ଯେ ଧୋନିଙ୍କ ଗୁରୁମନ୍ତ୍ର ଏହି ରନ୍ ଚେଜ୍‌ରେ ତାଙ୍କୁ ବହୁତ ସାହାଯ୍ୟ କରିଥିଲା।

୩୫୨ ରନର ଲକ୍ଷ୍ୟର ପିଛା କରି ସାଇ ହୋପ୍ ୧୪୩ ବଲ୍‌ରେ ୧୭ଟି ଚୌକା ଏବଂ ୩ଟି ଛକା ସହାୟତାରେ ଅପରାଜିତ ୧୬୨ ରନର ପାଳି ଖେଳି ୱେଷ୍ଟଇଣ୍ଡିଜ୍‌କୁ ବିଜୟୀ କରାଇଥିଲେ। ସିରିଜ୍‌ରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ ଥିଲା। ଏହି ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ଚୟନ କରାଯାଇଥିଲା। ମ୍ୟାଚ୍ ପରେ ହୋପ୍ ପ୍ରକାଶ କରିଛନ୍ତି ଯେ ଧୋନିଙ୍କ ପରାମର୍ଶ ତାଙ୍କୁ ଏହି ରନ୍ ଚେଜ୍‌ରେ ବହୁତ ସାହାଯ୍ୟ କରିଥିଲା।

ହୋପ୍ କହିଛନ୍ତି, "ଆମେ ସିରିଜ୍‌କୁ ଏକ ଦମ୍‌ଦାର ଶୈଳୀରେ ଶେଷ କରିବାକୁ ଚାହୁଁଥିଲୁ, ତେଣୁ ମୁଁ ଖୁସି ଯେ ଆଜି ଦଳ ବିଜୟ ହାସଲ କଲା। ମୋର ମହାନ ଖେଳାଳି ଏମଏସ ଧୋନିଙ୍କ ସହ କଥାବାର୍ତ୍ତା ହୋଇଥିଲା। ସେ ମୋତେ କହିଥିଲେ ଯେ ଆପଣ ଯେତିକି ଭାବନ୍ତି, ଆପଣଙ୍କ ପାଖରେ ସବୁବେଳେ ତା'ଠାରୁ ଅଧିକ ସମୟ ଥାଏ। ସେଥିପାଇଁ ମୁଁ ଶେଷ ଫଳାଫଳ ଉପରେ ଅଧିକ ଧ୍ୟାନ ନଦେବାକୁ ଚେଷ୍ଟା କରିଥିଲି। ମୁଁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ଧ୍ୟାନ ଦେଲି, ଖେଳକୁ ଯଥାସମ୍ଭବ ବୁଝିବାକୁ ଏବଂ ଚେଜ୍‌କୁ ଛୋଟ ଛୋଟ ଭାଗରେ ହାସଲ କରିବାକୁ ଚେଷ୍ଟା କଲି। ମୁଁ ଜାଣିଥିଲି ଯେ ଭାରତକୁ ପେନାଲ୍ଟି କାରଣରୁ ଫିଲ୍ଡରଙ୍କୁ ଭିତରକୁ ଆଣିବାକୁ ପଡ଼ିବ, ତେଣୁ ମୁଁ ଧୈର୍ଯ୍ୟ ବଜାୟ ରଖିଥିଲି।"

ସାଇ ହୋପ୍ ଆଗକୁ କହିଛନ୍ତି ଯେ ବିଗତ କିଛି ବର୍ଷ ମଧ୍ୟରେ ୱେଷ୍ଟଇଣ୍ଡିଜ୍ ଦଳ ଭଲ କ୍ରିକେଟ୍ ଖେଳିଛି। ବ୍ୟାଟରମାନେ କ୍ରମାଗତ ଭାବେ ରନ୍ ସଂଗ୍ରହ କରୁଛନ୍ତି ଏବଂ ଦଳ ପାଇଁ ଏହା ଏକ ସକାରାତ୍ମକ ସଙ୍କେତ। ସେ କହିଛନ୍ତି, "ଭାରତରେ ପିଚ୍ ସାଧାରଣତଃ ବ୍ୟାଟରମାନଙ୍କ ପାଇଁ ସହାୟକ ହୋଇଥାଏ, ତେଣୁ ଏଠାରେ ନିଜର ଦକ୍ଷତାର ସଠିକ୍ ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ ଏବଂ ଭୁଲ୍ କରିବାର ସୁଯୋଗ ବହୁତ କମ୍ ଥାଏ।" ହୋପ୍‌ଙ୍କ ଅନୁଯାୟୀ, ବ୍ୟାଟିଂ କ୍ଷେତ୍ରରେ ଦଳ ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛି, ଯେତେବେଳେ କି ବୋଲିଂ ଦୃଷ୍ଟିକୋଣରୁ ୱେଷ୍ଟଇଣ୍ଡିଜ୍‌କୁ ବହୁତ କିଛି ଶିଖିବାକୁ ମିଳିଛି।

ଏହି ଶତକ ସହିତ ସାଇ ହୋପ୍ ଭାରତ ବିପକ୍ଷରେ ଅନେକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି। ହୋପ୍ ଭାରତ ବିପକ୍ଷରେ ସର୍ବାଧିକ ୫ଟି ଶତକ ହାସଲ କରିଥିବା ୱେଷ୍ଟଇଣ୍ଡିଜ୍‌ର ବ୍ୟାଟର ବନିଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାମରେ ଥିଲା, ଯିଏ ଭାରତ ବିପକ୍ଷରେ ୪ଟି ଶତକ ମାରିଥିଲେ। ଏହା ବ୍ୟତୀତ ହୋପ୍ ଅପରାଜିତ ୧୬୨ ରନ୍ ସହ ଭାରତ ବିପକ୍ଷରେ ଦିନିକିଆରେ ରନ୍ ଚେଜ୍ କରିବା ସମୟରେ ସବୁଠାରୁ ବଡ଼ ପାଳି ଖେଳିଥିବା ବ୍ୟାଟର ମଧ୍ୟ ହୋଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ଶ୍ରୀଲଙ୍କାର ତିଲକରତ୍ନେ ଦିଲସାନ୍‌ଙ୍କ ନାମରେ ଥିଲା, ଯିଏ ବର୍ଷ ୨୦୦୯ରେ ଭାରତ ବିପକ୍ଷରେ ରାଜକୋଟ୍ ଦିନିକିଆ ମ୍ୟାଚ୍‌ରେ ରନ୍ ଚେଜ୍ ସମୟରେ ୧୬୦ ରନର ପାଳି ଖେଳିଥିଲେ।





# ‘ଉତ୍କଳ ସାହିତ୍ୟ ସମାଜ’ର ଲେଖକ କଲ୍ୟାଣ ପାଣ୍ଠିକୁ ଦାନ





**କଟକ, ନ୍ୟୁଜ ବ୍ୟୁରୋ**
ରବିବାର ‘ଉତ୍କଳ ସାହିତ୍ୟ ସମାଜ’ର ଲେଖକ କଲ୍ୟାଣ ପାଣ୍ଠିକୁ ରେଭେନସା ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗମୁଖ୍ୟ ଡକ୍ଟର ଉର୍ମିଶ୍ରୀ ବେଦମତ୍ତା ୨୫ ହଜାର ଟଙ୍କା ଓ ବରିଷ୍ଠ ସାହିତ୍ୟିକା ସୁଷମା ପରିଜା ୧୦ ହଜାର ଟଙ୍କା ଚେକ୍ ଆକାରରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କ ମାଧ୍ୟମରେ ଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ - କିଛିଦିନ ତଳୁ ଏହି ପାଣ୍ଠିକୁ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ତଥା ‘ଉତ୍କଳ ସାହିତ୍ୟ ସମାଜ’ର ପୂର୍ବତନ କର୍ମକର୍ତ୍ତା ଡକ୍ଟର ସତ୍ୟ ରାୟ ଏବଂ ତାଙ୍କ ସହଧର୍ମିଣୀ ତଥା ପାକ୍ଷିକ ଖବରକାଗଜ ‘ବିଶ୍ୱାସ’ର ସମ୍ପାଦିକା କସ୍ତୁରୀ ରାୟ ୫୦ ହଜାର ୫ ଶହ ୫୫ ଟଙ୍କା, ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର କବିତା ବାରିକ ୧ ଲକ୍ଷ ଟଙ୍କା, ବରିଷ୍ଠ କଥାଶିଳ୍ପୀ ସଂଯୁକ୍ତା ମହାନ୍ତି ୧୦ ହଜାର ଟଙ୍କା, ବରିଷ୍ଠ ଲେଖିକା ଲକ୍ଷ୍ମୀ ମିଶ୍ର ୧୦ ହଜାର ଟଙ୍କା ଓ ବିଶିଷ୍ଟ ଲେଖକ ଅଭିମନ୍ୟୁ ନାୟକ ୧୧ ହଜାର ଟଙ୍କା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ପାଣ୍ଠିର ସୁଧରୁ ଆର୍ଥିକ ସଙ୍କଟରେ ଥିବା ବିପଦଗ୍ରସ୍ତ ଲେଖକ-ଲେଖିକାଙ୍କୁ ସାହାଯ୍ୟ କରାଯିବ । ଏଣୁ ଏହି ପାଣ୍ଠିବୃଦ୍ଧି ନିମିତ୍ତ ସାହିତ୍ୟିକ, ସାହିତ୍ୟପ୍ରେମୀ, ସହୃଦୟ ତଥା ବଦାନ୍ୟ ବ୍ୟକ୍ତି ଓ ବିଭିନ୍ନ ସଂସ୍ଥା ମୁକ୍ତହସ୍ତରେ ଦାନ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତା ଏବଂ କାର୍ଯ୍ୟନିର୍ବାହିକା ସମିତି ସଭ୍ୟବୃନ୍ଦ ନିବେଦନ କରିଛନ୍ତି ।

ଦାତାମାନେ ଚେକ୍‌ର କର୍ମକର୍ତ୍ତାଙ୍କୁ ଡାକି କିମ୍ବା ପାଖକୁ ଆସି ଅଥବା ଡାକ / କୋରିଅର୍ ଯୋଗେ ଉତ୍କଳ ସାହିତ୍ୟ ସମାଜ ନାମରେ ଦେଇପାରିବେ । ଆହୁରି ମଧ୍ୟ ଉତ୍କଳ ସାହିତ୍ୟ ସମାଜର State Bank of India, C.T. Branch, College Square, Katakରେ ଥିବା ଆକାଉଣ୍ଟ ନମ୍ବର - ୧୦୫୦୮୮୫୦୨୨୧, ଆଇଏଫଏସସି କୋଡ୍ - SBIN0001663 ଜରିଆରେ ଅର୍ଥରାଶି ପଠାଇପାରିବେ । ଏ ସମ୍ପର୍କରେ ବଦାନ୍ୟ ବ୍ୟକ୍ତିମାନେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଫୋନ ନଂ : ୯୪୩୯୭୩୫୩୧୧ ରେ ଯୋଗାଯୋଗ କରିପାରିବେ।

# ଇରମ ଗୁଳିକାଣ୍ଡ ଥିଲା ଅଧିକ ମହାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗତ ଅକ୍ଟୋବର ୩ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରକ୍ତତୀର୍ଥ ‘ଇରମ ଓ ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶା’ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।
ଏଥିରେ ଉଦବୋଧନ ଦେଇ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ ରକ୍ତତୀର୍ଥ ଇରମ ଘଟଣା ଅଧିକ ମହାନ ଓ ଗୁରୁତ୍ୱପୂର୍ଣ୍ଣ। ଜାଲିଆନାୱାଲାବାଗରେ ଲୋକମାନେ ଜାଣି ନଥିଲେ ଯେ ସେଦିନ ଗୁଳିକାଣ୍ଡର ଆଦେଶ ଦିଆଯିବ ଓ



ସେମାନେ ମୃତ୍ୟୁବରଣ କରିବେ। ତେଣୁ ସେମାନେ କୌଣସି ସଂକୋଚ ନକରି ସଭାସ୍ଥଳରେ ପହଞ୍ଚି ଥିଲେ ଓ ଅପ୍ରତ୍ୟାଶିତ ଗୁଳିମାଡ଼ରେ ମୃତ୍ୟୁ ବରଣ କରିଥିଲେ। କିନ୍ତୁ ଇରମ ଗୁଳିକାଣ୍ଡ ଥିଲା ସ୍ୱତନ୍ତ୍ର। ପୂର୍ବରୁ ଲୋକମାନେ ଜାଣିଥିଲେ ଯେ ଗୁଳିକାଣ୍ଡ ନିଶ୍ଚୟ ଘଟିବ , ତଥାପି ସେମାନେ ମୃତ୍ୟୁକୁ ଭୟ ନକରି ସଭାସ୍ଥଳରେ ରୁଣ୍ଡ ହୋଇଥିଲେ। ସେମାନଙ୍କ ଅନୁମାନ ସତ୍ୟ ହୋଇଥିଲା। ଗୁଳିଚାଳନାର ଆଦେଶ ଦିଆଯାଇଥିଲା ଓ ଗୁଳିକାଣ୍ଡ ରେ ଜଣେ ମହିଳା ସମେତ ୨୯ ଜଣ ମୃତ୍ୟୁ ବରଣ କରିଥିଲେ। ପ୍ରଫେସର ପଟ୍ଟନାୟକ ବାଞ୍ଛାନିଧି ଚକଲା ଗଠନ ଉପରେ ଆଲୋଚନା କରି କହିଥିଲେ ଯେ ବାସୁଦେବପୁର ଅଞ୍ଚଳ ପାଇଁ ଏକ ସ୍ୱାଧୀନ ସରକାର ସ୍ଥାପନ କରିବା ସେତେବେଳେ ଥିଲା ସମଗ୍ର ଦେଶର ପ୍ରଥମ ଘଟଣା । ସେ ମଧ୍ୟ ଇରମ ଗୁଳିକାଣ୍ଡରେ ସହିଦ ହୋଇଥିବା ପରୀ ବେଓ୍ୱା ବିଷୟରେ ସବିଶେଷ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ଡଃ ସଂଗ୍ରାମ ଜେନା ମହାତ୍ମାଗାନ୍ଧୀଙ୍କ ବିନା ସ୍ୱାଧୀନତା ହାସଲ ଏତେ ଶୀଘ୍ର ସମ୍ଭବ ହୋଇ ନଥାନ୍ତା ବୋଲି ଦର୍ଶାଇ ଥିଲେ। ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ଡକ୍ଟର ଭାରତୀ ପାଲ ସଭାରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣରେ ଭାରତଛାଡ଼ ଆନ୍ଦୋଳନ ଓଡ଼ିଶାରେ କିପରି ଗଭୀର ପ୍ରଭାବ ପକାଇ ଥିଲା ତାହା ଦର୍ଶାଇ ଥିଲେ।

# ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ପାଇଁ ରେଜିଷ୍ଟ୍ରେସନ ପ୍ରକ୍ରିୟା ଜାରି

**କଟକ, ନ୍ୟୁଜ ବ୍ୟୁରୋ**
କଟକ ମହାନଗର ନିଗମ (କେଏମସି) ପକ୍ଷରୁ ନିର୍ମିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଖୁବଶୀଘ୍ର ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ପାଠାଗାର ପାଇଁ ଛାତ୍ରଛାତ୍ରୀଙ୍କ ରେଜିଷ୍ଟ୍ରେସନ ପ୍ରକ୍ରିୟା ଜାରି ରହିଥିବା ବେଳେ ପଞ୍ଜୀକରଣ ପରେ ଆବେଦନ ଗୁଡ଼ିକର ଭେରିଫିକେସନ କରାଯାଉଛି । ଏପର୍ଯ୍ୟନ୍ତ ପ୍ରାୟ ୧୦୬୭ ଜଣ ଲାଇବ୍ରେରୀ ପଞ୍ଜୀକରଣ ପାଇଁ ଆବେଦନ କରିଥିବା ସୂଚନା ମିଳିଛି । ଭେରିଫିକେସନ ପ୍ରକ୍ରିୟା ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ଲିଙ୍କ ମାଧ୍ୟମରେ ଶୁଳ୍କ ପଇଠ କରିବାର ସୁବିଧା ମିଳିବ। ଏଥିପାଇଁ ପେମେଣ୍ଟ ଇଣ୍ଟିଗ୍ରେସନ୍ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ପ୍ରାୟ ୩ ଏକର ଜମିରେ ନିର୍ମିତ ଏହି ଅତ୍ୟାଧୁନିକ ପାଠାଗାରରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ, ପ୍ରତିଯୋଗିତାମୂଳକ ପରୀକ୍ଷା



ପ୍ରସ୍ତୁତି ଓ ପଠନ ପାଇଁ ବିଭିନ୍ନ ସୁବିଧା ରହିଛି । କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରିତ ଏହି ପାଠାଗାରକୁ ଏକ ଆଧୁନିକ ଜ୍ଞାନକେନ୍ଦ୍ର ଭାବେ ବିକଶିତ କରାଯାଇଛି । ପାଠାଗାରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମ୍, ଡିଜିଟାଲ ଲାଇବ୍ରେରୀ, ବୁକ୍ କାଟାଲଗ୍, ପୁସ୍ତକ ଉପଲବ୍ଧତା ଯାଞ୍ଚ, ନୂଆ ପୁସ୍ତକ ପାଇଁ ପ୍ରସ୍ତାବ ଦେବାର ସୁବିଧା, ପ୍ରତିଯୋଗିତାମୂଳକ ପରୀକ୍ଷା ପୁସ୍ତକ, ଦୈନିକ ଖବରକାଗଜ ଓ ପତ୍ରପତ୍ରିକା ଭଳି ଅନେକ ସୁବିଧା ଉପଲବ୍ଧ ରହିବ। ଛାତ୍ରଛାତ୍ରୀଙ୍କ ଉପରେ ଆର୍ଥିକ ବୋଝ ନପଡ଼ିବା ପାଇଁ ପାଠାଗାରର ଶୁଳ୍କ ମଧ୍ୟ ସ୍ୱଳ୍ପ ରଖାଯାଇଛି । ମାସିକ ଶୁଳ୍କ ୨୦୦ ଟଙ୍କା ଏବଂ ୬ ମାସ ପାଇଁ ୧୨୦୦ ଟଙ୍କା ରଖାଯାଇଛି । ଅର୍ଥାତ୍ ଦୈନିକ ହିସାବରେ ଜଣେ ଛାତ୍ରଛାତ୍ରୀଙ୍କ ଖର୍ଚ୍ଚ ପ୍ରାୟ ୬ ଟଙ୍କା ୬୭ ପଇସା ପଡ଼ିବ। ପାଠାଗାରର ପରିଚାଳନା ପାଇଁ କଟକ ମହାନଗର ନିଗମ ପକ୍ଷରୁ ପ୍ରତିବର୍ଷ ୨ କୋଟିରୁ ଅଧିକ ଟଙ୍କା ମାନବ ସମ୍ବଳ, ବିଦ୍ୟୁତ, ଜଳକର, ରକ୍ଷଣାବେକ୍ଷଣ, ପୁସ୍ତକ ଓ ପତ୍ରପତ୍ରିକା ଆଦି ବାବଦରେ ବ୍ୟୟ କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ସୁଲଭ ଓ ଉପଯୁକ୍ତ ଅଧ୍ୟୟନ ପରିବେଶ ସୃଷ୍ଟି କରିବା କେଏମସିର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଇଛି । ଏହା ସହିତ ସିଏନବିଟି ପରିସରରେ ଥିବା ଲାଇବ୍ରେରୀ ପୂର୍ବଭଳି ଚାଲୁ ରହିବ ଏବଂ ସେଠାରେ ଲୋକଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ବାରବାଟୀ ଷ୍ଟାଡିୟମ୍ ପରିସରରେ ଥିବା ସ୍ପୋର୍ଟ୍ସ ଲାଇବ୍ରେରୀ ମଧ୍ୟ ନିଶୁଳ୍କ ଭାବେ ଚାଲୁଥିବାବେଳେ ଓଏମପି ଛକସ୍ଥିତ ଲାଇଟ୍ ହାଉସ୍ ପରିସରରେ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପାଠାଗାର ସୁବିଧା ରହିଛି। ସେହିପରି କୃଷକ ବଜାର, ଜଜପେଠା, ଜଗତପୁର, ତୋରା, ଲକ୍ଷ୍ମୀପୁର ଓ ତେଲେଙ୍ଗାପେଣ୍ଠ ଆଦି ଅଞ୍ଚଳରେ ସ୍ମାର୍ଟ ଲାଇବ୍ରେରୀ ମଧ୍ୟ କାର୍ଯ୍ୟକ୍ଷମ ରହିଛି । ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର କାର୍ଯ୍ୟକ୍ଷମ ହେବା ପରେ କଟକ ସହରର ଛାତ୍ରଛାତ୍ରୀଙ୍କୁ ଆଉ ଏକ ବିସ୍ତୃତ, ଆଧୁନିକ ଓ ସୁଲଭ ଅଧ୍ୟୟନ ସୁବିଧା ମିଳିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମେରିକାର ଭୂମିକା ...

ରହିବା ଜରୁରୀ ନୁହେଁ। ଯଦି ଦୁଇ ଦେଶ ମଧ୍ୟରେ ପର୍ଯ୍ୟାପ୍ତ ସାଧାରଣ ସ୍ୱାର୍ଥ ରହିଛି, ତେବେ ସେମାନେ ମିଳିତ ଭାବେ କାମ କରିପାରିବେ। ସେ କହିଛନ୍ତି ଯେ, ବିପଦ କମାଇବା, ଭାଗିଦାରୀରେ ବିବିଧତା ଆଣିବା ଓ ବିଭିନ୍ନ ବିକଳ୍ପ ଖୋଲା ରଖିବା ମାଧ୍ୟମରେ ଧୀରେ ଧୀରେ ଏକ ନୂଆ ବିଶ୍ୱ ବ୍ୟବସ୍ଥା ଗଠନ ହେଉଛି। ଜୟଶଙ୍କର କହିଛନ୍ତି ଯେ, ଉଦୀୟମାନ ଓ ମଧ୍ୟମ ଶକ୍ତିର ଦେଶଗୁଡ଼ିକ ପରସ୍ପର ସହଯୋଗ ବଢ଼ାଇବା ସହିତ ଆମେରିକା ଓ ଚାଇନା ଉଭୟଙ୍କ ସହ ସମ୍ପର୍କ ରଖିପାରିବେ। ତେବେ ଏଥିପାଇଁ ସେମାନଙ୍କ ସ୍ୱାର୍ଥ ମଧ୍ୟରେ ସିଧାସଳଖ ବିରୋଧ ନଥିବା ଆବଶ୍ୟକ।

## ଶତାୟୁ ହେଲେ ...

ଶିକ୍ଷା କ୍ଷେତ୍ରରେ ପାଦ ଥାପିଥିଲେ ଏବଂ ୬ଟି କ୍ଷେତ୍ରରେ ସାଫଲ୍ୟ ଅର୍ଜନ କରିଥିଲେ। ‘ସମାଜ’ ଆଜି ୧୦୭ ତମ ଜନ୍ମ ବାର୍ଷିକୀ ପାଳନ କରୁଛି। ମଞ୍ଚାସୀନ ଅତିଥି ସମସ୍ତେ ଏହି ଅମୃତଧାରାର ଗୋଟିଏ ବିନ୍ଦୁ ପାଇଛନ୍ତି। ଏହାପରେ ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ସମ୍ବୋଧନ ଦେଇ ମଞ୍ଚାସୀନ ଅତିଥି ତଥା ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆଜି ୧୦୭ ବର୍ଷରେ ପଦାର୍ପଣ କରିଥିବା ଉତ୍କଳମଣିଙ୍କ ସତ୍ୟ, ନିଷ୍ଠାର ପ୍ରତୀକ ତାଙ୍କ ମାନସପୁତ୍ର ‘ସମାଜ’ ଶିକ୍ଷାର ବିକାଶ, ଶିଳ୍ପର ଉନ୍ନତି ଏବଂ ଗାଁ ଗହଳିର ପ୍ରତ୍ୟେକ ଖବରକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ସାପ୍ତାହିକ ‘ସମାଜ’ ଓଡ଼ିଶା ମାଟିରେ ଜନ୍ମଲାଭ କରିଥିଲା। ପରବର୍ତ୍ତୀ ସମୟରେ ଏହା ଦୈନିକ ଖବରକାଗଜ ହୋଇଛି। ଖବରକାଗଜ ବ୍ୟତୀତ ସମାଜଲାଇଭ୍ ଡିଜିଟାଲ ମିଡିଆକୁ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାପରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ କହିଛନ୍ତି, ସମାଜର ୧୦୭ତମ ସ୍ୱନକ୍ଷତ୍ର ଦିବସ ପାଳନ ବେଳେ ପ୍ରତିବର୍ଷ ଏହା ମନକୁ ଆସିଥାଏ ଯେ, ସମାଜର ସ୍ଥାପନା କେଉଁଥି ପାଇଁ ହୋଇଥିଲା। ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ଓ ଅଭିଯାନରେ ସମାଜର ମଧ୍ୟ ଯୋଗଦାନ ରହିବା ଆବଶ୍ୟକ ଏବଂ ରାଜ୍ୟ ମଧ୍ୟ ନିଜ ସହ ସମାଜକୁ ନେଇ କାର୍ଯ୍ୟ କରିବା ଉଚିତ୍। ଉଭୟ ମିଶି କାର୍ଯ୍ୟ କଲେ ସଫଳତା ଅଧିକ ମିଳିବ। ପ୍ରତ୍ୟେକ ଭୁଲ୍ କାର୍ଯ୍ୟର ବିରୋଧ କରାଯିବା ଉଚିତ୍। ନଚେତ୍ ପ୍ରତ୍ୟେକ କ୍ଷେତ୍ରରେ ବିଶୃଙ୍ଖଳା ଦେଖାଯିବ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରମାନାଥ ଝା କହିଛନ୍ତି, ‘ସମାଜ’ ଖବରକାଗଜ କିମ୍ବା କାଳି ନୁହେଁ ଏହା ଓଡ଼ିଶାର କୋଟି କୋଟି ଜନତାଙ୍କ ବିଶ୍ୱାସର ପ୍ରତୀକ। ଏହା ଆମକୁ ଦାୟିତ୍ୱବାନ୍ କରେ ଯେ, ଆମେ ସଭିଙ୍କ ନିକଟରେ ଅସହାୟ ଲୋକଙ୍କ ସ୍ୱରକୁ ପହଞ୍ଚାଇପାରୁଛେ। ‘ସମାଜ’ ଉପରେ କୋଟି କୋଟି ଜନତାଙ୍କ ଅଧିକାର ରହିଛି। ୧୦୭ ବର୍ଷରେ ଅନେକ ପରିବର୍ତ୍ତନ ହୋଇଛି। ଆଗାମୀ ଦିନରେ ସମାଜର ନୂଆ ରୂପ ଦେଖିବେ। ସମ୍ବୋଧନ କାର୍ଯ୍ୟ ପରେ ବରେଣ୍ୟ ଅତିଥିଙ୍କ ଦ୍ୱାରା ୧୦୭ ବର୍ଷର ଏକ ସ୍ୱତନ୍ତ୍ର ଲୋଗୋର ଆନୁଷ୍ଠାନିକ ଭାବେ ଶୁଭ ଉନ୍ମୋଚନ କରାଯାଇଛି। ଚଳିତ ବର୍ଷ ‘ନିଶାମୁକ୍ତ ଯୁବ ସମାଜ’ ‘ସମାଜ’ର ପ୍ରୟାସ’ ଏହି ବର୍ଷର ପ୍ରସଙ୍ଗକୁ ନେଇ ସାର୍ବଜନୀନ କରିବା ସହିତ ‘ସମାଜ’ ସମର୍ପଣକୁ ସାର୍ବଜନୀନ କରାଯାଇଛି। ଏହାସହ ଚଳିତ ବର୍ଷର ୧୦୭ ସ୍ୱନକ୍ଷତ୍ରର ପୂଜା ସଂଖ୍ୟାର ଆନୁଷ୍ଠାନିକ ଉନ୍ମୋଚନ କରାଯାଇଛି। ଏହି ସମୟରେ ଗୋପବନ୍ଧୁଙ୍କ ସତ୍ୟବାଦୀର କାର୍ଯ୍ୟ ନିର୍ବାହୀ ସମ୍ପାଦକ ଅନୁପମ ପ୍ରହରାଜ ମଞ୍ଚରେ ଉପସ୍ଥିତ ଥିଲେ। ଦେବୀଙ୍କ ଆଗମନ ଅବସରରେ ପାଠକ ନିକଟରେ ଏହା ପହଞ୍ଚାଇବା ପାଇଁ ଉନ୍ମୋଚନ କରାଯାଇଛି। ଏହାପରେ ବରେଣ୍ୟ ଅତିଥିଙ୍କ ଦ୍ୱାରା ‘ସମାଜ’୧୦୭ ବର୍ଷର ଏକ ସ୍ୱତନ୍ତ୍ର ବିଶେଷାଙ୍କର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି।

## ହର୍ମୁଜରେ ଟ୍ୟାଙ୍କର୍ ...

ଆଧାରରେ ଏହି ରିପୋର୍ଟରେ କୁହାଯାଇଛି ଯେ, ଶୁକ୍ରବାର ହର୍ମୁଜ୍ ପ୍ରଣାଳୀରେ ଦୁଇଟି ତେଲ ଟ୍ୟାଙ୍କର୍ ବିସ୍ଫୋରଣ ହୋଇଥିଲା । ଗୋଟିଏ ପ୍ରଣାଳୀରେ ପ୍ରବେଶ କରିବା ସମୟରେ ଏବଂ ଅନ୍ୟଟି ଉପରେ ପ୍ରସ୍ଥାନ କରିବା ସମୟରେ ଆକ୍ରମଣ କରାଯାଇଥିଲା।

## ସଂସ୍କାରମୂଳକ ପଦକ୍ଷେପ...

ଆର୍ଥିକ ଦୃଢ଼ତା ଭଳି ପଦକ୍ଷେପ ସଙ୍କଟ ଆସିବାର ବହୁ ପୂର୍ବରୁ ଗ୍ରହଣ କରାଯାଇଥିଲା। ସେଥିପାଇଁ ଯେତେବେଳେ ବିଶ୍ୱସ୍ତରରେ ବଡ଼ ସଙ୍କଟ ଦେଖାଦେଲା, ତାହାର ଚାପକୁ ଭାରତ ସହଜରେ ସହ୍ୟ କରିନେଇଥିଲା।

ଆତ୍ମନିର୍ଭରଭାରତ କାର୍ଯ୍ୟକ୍ରମକୁ ବିଶ୍ୱଠାରୁ ନିଜକୁ ଅଲଗା ରଖିବାର ଏକ ଉଦ୍ୟମ ଭାବେ ବିଚାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ଜରିଆରେ ଘରୋଇ କ୍ଷମତା ବୃଦ୍ଧି କରାଯାଉଛି ଓ ଦେଶ ବିଶ୍ୱ ବଜାର ସହ ପୂର୍ବଭଳି ଯୋଡ଼ିହୋଇ ରହିବ। ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ବିନିର୍ମାଣ, ପ୍ରତିରକ୍ଷାଉତ୍ପାଦନ ଓ କ୍ରିଟିକାଲ୍ ପ୍ରଯୁକ୍ତି ବିଦ୍ୟାରେ ବିଶ୍ୱସ୍ତରୀୟ ସହଯୋଗିତା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଗ୍ରିନ୍ ହାଇଡ୍ରୋଜେନ୍, ସ୍ଥାୟୀ କୃଷି ଓ ସର୍କୁଲାର ଇକୋନମି ଦେଶର ଅଭିବୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବ ବୋଲି ସେ ଜଣାଇଛନ୍ତି। ଶକ୍ତି ସୁରକ୍ଷା ସୁଦୃଢ଼ କରିବାକୁ ସମୁଦ୍ର ମନ୍ଥନ କାର୍ଯ୍ୟକ୍ରମ ଅଧୀନରେ ଗଭୀର ସମୁଦ୍ରରେ କରାଯାଉଥିବା ଅନ୍ୱେଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଫର୍ମ-୬ରୁ ଅତିରିକ୍ତ ...

ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ।

ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ।

## ‘ଦମନ’ ଅଭିଯାନରେ ...

୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି।

ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, , ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି। ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି। ଏହାବ୍ୟତୀତ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି। ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି।

# ୨୦୨୫-୨୬ରେ ସର୍ବାଧିକ ରାଜସ୍ୱ ଆଦାୟକାରୀ ଟିକେଟ ଯାଞ୍ଚ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ଼ ମଣ୍ଡଳର ସମ୍ବର୍ଦ୍ଧନା



**ଖୋର୍ଦ୍ଧାରୋଡ, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ୨୦୨୫–୨୬ ଆର୍ଥିକ ବର୍ଷରେ ଟିକେଟ ଯାଞ୍ଚ କାର୍ଯ୍ୟ ମାଧ୍ୟମରେ ସର୍ବାଧିକ ରାଜସ୍ୱ ଆଦାୟ କରିଥିବା ଟିକେଟ ଯାଞ୍ଚ କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍. ସମ୍ବର୍ଦ୍ଧିତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଟିକେଟ ଯାଞ୍ଚ କାର୍ଯ୍ୟରେ ସେମାନଙ୍କ ନିଷ୍ଠା, ସଚ୍ଚୋଟତା ଓ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲଙ୍କ ପକ୍ଷରୁ ସର୍ବାଧିକ ରାଜସ୍ୱ ଆଦାୟ କରିଥିବା ଟିକେଟ ଯାଞ୍ଚ କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡଳର ରାଜସ୍ୱ ବୃଦ୍ଧିରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାର ସ୍ୱୀକୃତିସ୍ୱରୂପ ଏହି ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଟିକେଟ ଯାଞ୍ଚ କର୍ମଚାରୀମାନଙ୍କ ଏହି ସଫଳତା ସେମାନଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ମଣ୍ଡଳର ରାଜସ୍ୱ ସୁଦୃଢ଼ୀକରଣରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନର ପ୍ରତିଫଳନ। ଏହା ମଣ୍ଡଳର ବାଣିଜ୍ୟ ବିଭାଗରେ ରହିଥିବା ଉଚ୍ଚମାନର ବୃତ୍ତିଗତ ଦକ୍ଷତା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠାକୁ ମଧ୍ୟ ପ୍ରତିପାଦିତ କରେ। ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ମୂଲ୍ୟବାନ ଅବଦାନକୁ ପ୍ରଶଂସା କରାଯାଇଛି। ଭବିଷ୍ୟତରେ ମଧ୍ୟ ସମାନ ନିଷ୍ଠା, ଉତ୍ସାହ ଓ କର୍ତ୍ତବ୍ୟପରାୟଣତା ସହ କାର୍ଯ୍ୟ କରି ଅଧିକ ସଫଳତା ହାସଲ କରିବା ପାଇଁ ସମ୍ବର୍ଦ୍ଧିତ କର୍ମଚାରୀମାନଙ୍କୁ ପ୍ରେରିତ କରାଯାଇଛି। ଅନିଲ କୁମାର ଏସ୍. ଟିକେଟ ଯାଞ୍ଚ ଦଳର ତତ୍ପରତା, କର୍ତ୍ତବ୍ୟନିଷ୍ଠା ଓ ପ୍ରଶଂସନୀୟ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଏଥିସହ ଯାତ୍ରୀ ସେବାର ମାନ ଉନ୍ନତ କରିବା ସହ ନିରାପଦ ଓ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ଦିଗରେ ମଣ୍ଡଳର ନିରନ୍ତର ପ୍ରୟାସ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ।

## ବିଜେପି ପ୍ରାକ୍ତନ ମଣ୍ଡଳ ସଭାପତିଙ୍କ ଦ୍ୱାରା ୮୩ ୟୁନିଟ୍ ରକ୍ତ ସଂଗୃହୀତ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତ, କୃଷ୍ଣନଗର ନଗର ସ୍ଥିତ ଲୀଳା କଲ୍ୟାଣ ମଣ୍ଡପରେ ବିଜେପି ପ୍ରାକ୍ତନ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସେବା ସଂକଳ୍ପ ଅଭିଯାନ କ୍ରମରେ ଆୟୋଜିତ ଶିବିରକୁ ବିଜେପିର ବରିଷ୍ଠ ନେତା ସିଦ୍ଧେଶ୍ୱର ପଣ୍ଡା ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ରକ୍ତ ଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଦିବ୍ୟକାମ ମହାନ୍ତି, ସମାଜସେବୀ ଚନ୍ଦନ କୁମାର କର,ହତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ଭୀଷ୍ମ ଚରଣ ପରିଡ଼ା, ଡଃ ଅଜିତ୍ ମହାନ୍ତି ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୮୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ସୁବର୍ଣ୍ଣ ରେଖା, ରାଇବଣିଆ ମଣ୍ଡଳର ପ୍ରାକ୍ତନ ସଭାପତି ପ୍ରଣବ କୁମାର ପଣ୍ଡା,ମନୋଜ କୁମାର ସାସମଲ, ୧୦ ନମ୍ବର ଜୋନ୍‌ର ପ୍ରାକ୍ତନ ମଣ୍ଡଳ ସଭାପତି ପ୍ରତାପ ସେନାପତି, ସୁବର୍ଣ୍ଣରେଖା ମଣ୍ଡଳର ପ୍ରାକ୍ତନ ସମ୍ପାଦକ ସଞ୍ଜୀବ କୁମାର ରାଉତ, ସରୋଜ କୁମାର ଗିରି, ସତ୍ୟବାନ ଚାନ୍ଦ, ରବୀନ୍ଦ୍ର କୁମାର ଦତ୍ତ, ସତ୍ୟ ରଞ୍ଜନ ବେହେରା, ଯୁବବ୍ୟବସୀ ଶଙ୍କର ମିର୍ଦ୍ଧ। (ଖକନ୍ ଭାଇ), ନାଥୁ ରାମ ଅଣ୍ଡିଆ, ଅଭିଜିତ ଖଟୁଆ, ଚନ୍ଦନ କୁମାର ଦାସ, ଅଚ୍ୟୁତ ମହାନ୍ତି, ବିଜୟ ଖଟୁଆ, ଜ୍ୟୋତିର୍ମୟୀ ବାଡ, ଆଶୁତୋଷ ଘୋଷ, ରଞ୍ଜନ ଜେନା, ରବୀନ୍ଦ୍ର ନାରାୟଣ ସିଂହ, ସମୀର କୁମାର ସିଂହ, ରବିନ୍ଦ୍ର ଦାସ, ମହେଶ୍ୱର ସେଠୀ ବିଦ୍ୟାଧର ବେହେରା ପ୍ରମୁଖ ଶିବିରକୁ ପରିଚାଳନା କରିଥଲେ।

# ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲିବ ନାହିଁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏପ୍ରିଲ ପହିଲାରେ ପ୍ରସ୍ତୁତ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି କହିବା ସହ ସ୍ଥାନୀୟ ରେଳ ଅଡିଟୋରିଅମଠାରେ କମିଶନରେଟ୍ ପୁଲିସ, ପକ୍ଷରୁ ଅନୁଷ୍ଠିତ ଜନସଚେତନତା କାର୍ଯ୍ୟକ୍ରମ ‘ଜୀବନ ଜିନ୍ଦାବାଦ- ୨.୦’ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ ‘ଜିରୋ ଟଲରେନ୍ସ’ ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି। ସେ କହିଥିଲେ, ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର



ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। ଗତବର୍ଷ ଆରମ୍ଭ ହୋଇଥିବା ‘ଜୀବନ ଜିନ୍ଦାବାଦ’ ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବାବେଳେ, ବର୍ତ୍ତମାନର ‘ଜୀବନ ଜିନ୍ଦାବାଦ ୨.୦’ ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହାସହ ଚୋରା ଓ ବିଷାକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ ‘ନିଶା ନିଷିଦ୍ଧ’ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ ‘ଡେଡ୍‌ଲାଇନ୍’କୁ ସାକାର କରିବା ଦିଗରେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସର ‘ନିଶାମୁକ୍ତ ଭାରତ’ ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ‘ଜୀବନ ଜିନ୍ଦାବାଦ’, ‘ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ’ ଏବଂ ସଚେତନମୂଳକ ନାଟକ ‘ଭୂତ ମଣିଷର ନିଶାକୁ ନା’ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ।

# ଚଳନ୍ତା ବାଇକ୍ ଉପରେ ଚଢ଼ିଗଲା ନୂଆ କାର୍: ଯୁବକ ଗୁରୁତର

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**
ରାଇରଙ୍ଗପୁର ସହରର ବ୍ୟସ୍ତବହୁଳ ମେଡିକାଲ ଛକ ନିକଟରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଚଳନ୍ତା ବାଇକ୍ ଉପରକୁ ପଛପଟୁ ଏକ ଦ୍ରୁତଗାମୀ ନୂତନ ବ୍ରେଜା କାର୍ ମାଡ଼ିଯିବା ଫଳରେ ବାଇକ୍ ଆରୋହୀ ଜଣକ ସାଙ୍ଘାତିକ ଭାବେ ଆହତ ହୋଇଛନ୍ତି । ଗୁରୁତର ଯୁବକ ଜଣକ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଗଡ଼ ଗ୍ରାମର ସୁମନ ସାହୁ ବୋଲି ଚିହ୍ନଟ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁମନ ନିଜ ବାଇକ୍ ଯୋଗେ ମେଡିକାଲ ଛକ ଅତିକ୍ରମ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ନୂଆ ବ୍ରେଜା କାର୍ ଭାରସାମ୍ୟ ହରାଇ ବାଇକ୍ ଉପରକୁ ଚଢ଼ିଯାଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସୁମନ ଛିଟିକି ପଡ଼ି ତଳେ ଚାପି ହୋଇ ରହିଯାଇଥିଲେ। ଦୁର୍ଘଟଣା ଫଳରେ ତାଙ୍କର ଡାହାଣ ଗୋଡ଼



ଏବଂ କଲାର ବୋନ୍ (କାନ୍ଧ ହାଡ଼) ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ।
ଘଟଣା ଘଟିବା ମାତ୍ରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଲୋକମାନେ ଆହତ ସୁମନଙ୍କୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ବେଶ୍ ଭିଡ଼ ଜମିବା ସହ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଦ୍ରୁତ ଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ହିଁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟାଉନ ପୋଲିସ ଦ୍ୱାରା ଦୁର୍ଘଟଣାସ୍ଥାନରୁ କାର ଓ ବାଇକକୁ ଉଦ୍ଧାର କରାଯାଇଥିଲା । ତେବେ ଗୁରୁତର ପରିବାର ଲୋକେ ଏକ ମାତ୍ର ରୋଜଗାରିଆ ଯୁବକ ଏବେ ରୋଜଗାର କରିବାରୁ ଅକ୍ଷମ ହେବା ଯୋଗୁଁ , ପରିବାର ଭରଣପୋଷଣ ପୋଷାଣ ନିମନ୍ତେ କ୍ଷତିପୂରଣ ଦାବି କରିଥିବା ସୂଚନା ହସ୍ତଗତ ହୋଇଛି।

ଉତ୍କଳ ଦୀପିକା | ପୃଷ୍ଠା ୮

ଭୁବନେଶ୍ୱର, ୫ ଅକ୍ଟୋବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀକ୍ଷେତ୍ରର ଶକ୍ତିପୀଠରେ ଷୋଳପୂଜା ଆରମ୍ଭ : ରାଜଗୁରୁ କଲେ ଆଚାର୍ଯ୍ୟ ବରଣ



**ପୁରୀ ୪।୧୦ ନ୍ୟୁଜ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜା ପାଇଁ ରବିବାର ଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ପାରମ୍ପରିକ ପ୍ରସ୍ତୁତି। ପରମ୍ପରା ଅନୁସାରେ ମୂଳାଷ୍ଟମୀ ଅବସରରେ ଗଜପତିଙ୍କ ଶ୍ରୀନହରରୁ ଷୋଳପୂଜାର ବିଧି ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରରେ ଥିବା ସବୁ ଶକ୍ତି ପୀଠରେ ଏହି ଷୋଳପୂଜା ପାଇଁ ଆଚାର୍ଯ୍ୟ ବରଣ କାର୍ଯ୍ୟ କରାଯାଇଛି। ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ରାଜଗୁରୁ ଶ୍ରୋତ୍ରୀୟ ବ୍ରାହ୍ମଣ, ମୁକ୍ତିମଣ୍ଡପ ବ୍ରାହ୍ମଣ ଏବଂ ଶାସନ ବ୍ରାହ୍ମଣଙ୍କୁ ଡାକି ବରଣ କରିବା ସହ ବସ୍ତ୍ର ଦାନ କରି ବିଭିନ୍ନ ପୀଠରେ ନିଯୁକ୍ତି କରିଛନ୍ତି। ଏହି ଆଚାର୍ଯ୍ୟମାନେ ଷୋଳପୂଜାର ବିଧି ଅନୁସାରେ ପୁରୀରେ ଥିବା ଶକ୍ତିପୀଠଗୁଡ଼ିକରେ ଚଣ୍ଡିପାଠ, ଦୁର୍ଗା ଆରାଧନା ପ୍ରଭୃତି ହୋଇଯାଇଛି। ଆଶ୍ୱୀନ ମାସ କୃଷ୍ଣପକ୍ଷ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଏହି ପୂଜାର୍ଚ୍ଚନା କରାଯିବାର ପରମ୍ପରା ଅଛି।

ଶ୍ରୀକ୍ଷେତ୍ରର କ୍ଷେତ୍ରାଶ୍ୱରୀ ଭାବେ ମା' ବିମଳାଙ୍କ ପୀଠରେ ଷୋଡ଼ଶ ପୂଜାବିଧି ଆରମ୍ଭ ହୋଇଛି । ସେହିପରି ଶ୍ରୀମନ୍ଦିର ପରିସରରେ ଥିବା ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ ପୀଠ ସହ ଦକ୍ଷିଣକାଳୀ, ଅଳାମଚଣ୍ଡି ଓ ପଞ୍ଚମୁଖୀ ପୀଠରେ ମଧ୍ୟ ଷୋଳପୂଜା ଆରମ୍ଭ ହୋଇଛି । ସେପଟେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ଭଣ୍ଡାର ଘରୁ ମା' ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ରତ୍ନ ସିଂହାସନରେ ବିଜେ ହୋଇଥିଲେ। ପରେ ମା' ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ ମାଜଣା ମଣ୍ଡପରେ ଠାକୁରାଣୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥିଲା। ଶାରଦୀୟ ପୂଜାପାଇଁ ଶ୍ରୀକ୍ଷେତ୍ରରେ ଏବେଠାରୁ ପୂଜାବିଧି ଆରମ୍ଭ ହୋଇଥିବା ବେଳେ ଶ୍ରୀମନ୍ଦିରରେ ବିଶେଷ କରି ଏହି ସମୟରେ ଦୁର୍ଗାମାଧବ ଉପାସନା ସହ ଗୁପ୍ତ ଗୁଣ୍ଡିଚାର ବିଧି ମଧ୍ୟ ଆରମ୍ଭ କରାଯାଇଛି।

## ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ

# ସୁନାବେଶରେ ମା' : ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

**କଟକ, ୦୪/୧୦ ନ୍ୟୁଜ ବ୍ୟୁରୋ**

ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା ଅରମ୍ଭ ହୋଇଯାଇଛି। ଶକ୍ତିସ୍ୱରୁପିଣୀଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଶଙ୍ଖ, ଘଣ୍ଟ ଘଣ୍ଟା ଶବ୍ଦରେ ନିନାଦିତ ହେଉଛି ମନ୍ଦିର ପରିସର। ମନ୍ତ୍ର ଧ୍ୱନିରେ ମୁଖରିତ ହେଉଛି ଅଞ୍ଚଳ। ହୋମ ଯଜ୍ଞ, ଚଣ୍ଡିପାଠ ଓ ପୂର୍ଣ୍ଣାହୂତିରେ ସୃଷ୍ଟି ହୋଇଛି ଅଧ୍ୟାତ୍ମିକ ପରିବେଶ। ମୂଳାଷ୍ଟମୀରେ ମାଆଙ୍କ ଘଟ ସ୍ଥାପନ ପରେ ରବିବାର ମାଆଙ୍କ ଷୋଡ଼ଶ ଉପଚାର ପୂଜାର ଦ୍ୱିତୀୟ ଦିନ। ମାଆଙ୍କ ଆଶୀର୍ବାଦ ନେବାକୁ ପୀଠରେ ଭୋରରୁ ଆରମ୍ଭ ହୋଇଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ସେପଟେ କଟକ ଗଡ଼ ଚଣ୍ଡିପୀଠରେ ସ୍ୱତନ୍ତ୍ର ନୀତିକାନ୍ତିରେ ଚାଲିଛି ଉପାସନା । ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମାଆ। ଏହି ଅନନ୍ୟ ବେଶ ଦେଖିବାକୁ



ଗଡ଼ଚଣ୍ଡି ମନ୍ଦିରରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚଉଷଠୀ ଯୋଗିନୀ ପୀଠରେ ଷୋଳପୂଜା ଅରମ୍ଭ ହୋଇଯାଇଛି। ସୁନା ବେଶରେ କାକଟପୁରର ମାଆ ମଙ୍ଗଳା ଦର୍ଶନ ଦେଇଥିବା ବେଳେ ରାଜଧାନୀ ଉପକଣ୍ଠ ହୀରାପୁରସ୍ଥିତ ପ୍ରସିଦ୍ଧ ଚଉଷଠୀ ଯୋଗିନୀ ତନ୍ତ୍ରପୀଠରେ ଆରମ୍ଭ ହୋଇଛି ମହାମାୟାଙ୍କ ପ୍ରସିଦ୍ଧ ଷୋଳପୂଜା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୀଠରେ ଚାଲିଛି ସ୍ୱତନ୍ତ୍ର ପୂଜାବିଧି। ରବିବାର ମାଆଙ୍କୁ ସିଦ୍ଧିଦାତ୍ରୀ ବେଶରେ ଦର୍ଶନ କରିବା ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିଥିଲା। ଷୋଡ଼ଶ ଉପଚାରର ଦ୍ୱିତୀୟ ଦିନରେ କାକଟପୁର ବାସିନୀ ମାଆ ମଙ୍ଗଳା ସୁନାବେଶରେ ଦର୍ଶନ ଦେଇଛନ୍ତି । ମାଙ୍କ ପାଖରେ ଅଖଣ୍ଡ ଦ୍ୱୀପ ଜଳୁଥିବାରୁ ଗର୍ଭ ଗୃହ ଭିତରୁ ଦର୍ଶନ ଉପରେ କଟକଣା ଲାଗିଛି । ଭକ୍ତମାନେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି। ରାଜବାଟିରେ ନରସିଂହପୁରର ଇଷ୍ଟଦେବୀ ମା' ପ୍ରଗଳା, ଜୁନାଗଡ଼ରେ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ । ନରସିଂହପୁରରେ ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜାର ଆଦ୍ୟ ପର୍ବ। ରାଜବାଟିକୁ ଆଗମନ କରିଛନ୍ତି ନରସିଂହପୁରର ଇଷ୍ଟଦେବୀ ମା' ପ୍ରଗଳା। ସିଂହଦ୍ୱାର ନିକଟରେ ହୋଇଛି ବିଶେଷ ପୂଜାର୍ଚ୍ଚନା। ଏହି ଅନନ୍ୟ ପରମ୍ପରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସେପଟେ କଳାହାଣ୍ଡିର ଐତିହାସିକ ସହର ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଆ ଲଙ୍କେଶ୍ୱରୀଙ୍କ ଆରମ୍ଭ ହୋଇଛି ଖଣ୍ଡାବସା ପର୍ବ। ଢୋଲ, ନିଶାଣ, ତାସା, ମହୁରୀ ଓ ଶଙ୍ଖଧ୍ୱନିରେ ପ୍ରକମ୍ପିତ ହେଉଛି ଅଞ୍ଚଳ। ମାଆଙ୍କ ସଂହାର ଖଣ୍ଡାକୁ ଚାଉଳ ଗଦାରେ ସ୍ଥାପନ କରିବା ଏହି ଅନନ୍ୟ ପରମ୍ପରା ଦେଖିବାକୁ ଏକାଠି ହୋଇଛନ୍ତି ହଜାର ହଜାର ଶ୍ରଦ୍ଧାଳୁ ।




ଭୁବନେଶ୍ୱର : ଓଡ଼ିଆ ଦୈନିକ ଖବର କାଗଜ 'ସମ୍ବାଦ'ର ୪୨ ବର୍ଷ ପୂର୍ତ୍ତି ଅବସରରେ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ଉପସ୍ଥିତ ଅଛନ୍ତି ମୁଖ୍ୟ ଅତିଥି ରାମନ୍ ମ୍ୟାଗସେସ୍ ପୁରସ୍କାର ବିଜେତା ତଥା ବିଶିଷ୍ଟ ସାମ୍ବାଦିକ ଏବଂ ପିପୁଲ୍ସ ଆର୍କାଇଭ୍ ଅଫ୍ ରୁରାଲ ଇଣ୍ଡିଆର ପ୍ରତିଷ୍ଠାତା ପି. ସାଇନାଥ, ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ନିର୍ଦ୍ଦେଶିକା ଡ. ମୋନିକା ନୈୟାର ପଟ୍ଟନାୟକ ଏବଂ 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ସୂର୍ଯ୍ୟ ମନ୍ଦିର ବୁଲିଲେ ନାଗାଲାଣ୍ଡ ରାଜ୍ୟପାଳ

## ୪୫ ମିନିଟ୍ ଧରି ଦେଖିଲେ ଅପୂର୍ବ କାରୁକାର୍ଯ୍ୟ

**କୋଣାର୍କ ୪।୧୦ ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପରେ ରବିବାର ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି ନାଗାଲାଣ୍ଡର ରାଜ୍ୟପାଳ ନନ୍ଦକିଶୋର ଯାଦବ। ମନ୍ଦିରର ଅପୂର୍ବ କାରୁକାର୍ଯ୍ୟ, ସ୍ଥାପତ୍ୟ କଳା ଏବଂ ନିଖୁଣ ଭାସ୍କର୍ଯ୍ୟ ଦେଖି ରାଜ୍ୟପାଳ ଭାବବିହ୍ୱଳ ହୋଇପଡ଼ିଥିଲେ । ରାଜ୍ୟପାଳଙ୍କ ଏହି ହାଇ-ପ୍ରୋଫାଇଲ୍ ଗସ୍ତକୁ ଦୃଷ୍ଟିରେ ରଖି କୋଣାର୍କରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା । ଜିଲ୍ଲା ପୋଲିସ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ବେଳେ ସୁରକ୍ଷା ଦାୟିତ୍ୱରେ ନିମାପଡ଼ା ଏସ୍‌ଡିପିଓ, ଗୋପ ବିଡିଓ, କୋଣାର୍କ ଥାନା ଅଧିକାରୀ, ଦୁଇ ଜଣ ଏଏସ୍ଆଇ ଏବଂ ୧୦ ଜଣ କନେଷ୍ଟବଳ ଉପସ୍ଥିତ ଥିଲେ । ମନ୍ଦିର ପରିସରରେ ପହଞ୍ଚିବା ପରେ ସ୍ଥାନୀୟ ସରକାରୀ ଗାଇଡ୍ ରାଜ୍ୟପାଳଙ୍କୁ କୋଣାର୍କର ଗୌରବମୟ ଇତିହାସ, ସୂର୍ଯ୍ୟ ମନ୍ଦିରର ଗାରିମା ଏବଂ ଏହାର କାରୁକାର୍ଯ୍ୟ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ସୂର୍ଯ୍ୟ ମନ୍ଦିରର ପଥରରେ ଖୋଦିତ କଳାକୃତିକୁ ନିକଟରୁ ଦେଖି ରାଜ୍ୟପାଳ ଅତ୍ୟନ୍ତ ଅଭିଭୂତ ହୋଇଥିଲେ । ବିଶ୍ୱ ଐତିହ୍ୟ କୋଣାର୍କର ଶୋଭାରାଜିକୁ ପ୍ରାୟ ୪୫ ମିନିଟ୍ ଧରି ବୁଲି ଦେଖିବା ପରେ ରାଜ୍ୟପାଳ ନନ୍ଦକିଶୋର ଯାଦବ ପୁନର୍ବାର ପୁରୀ ଅଭିମୁଖେ ଫେରିଯାଇଛନ୍ତି । ଏହି ପରିଦର୍ଶନ ସମୟରେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଆଡମିନିଷ୍ଟ୍ରେସନ୍ ପକ୍ଷରୁ ରାଜ୍ୟପାଳଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଭୁବନେଶ୍ୱର : ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମି ପରିସରରେ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଆୟୋଜିତ କାଦମ୍ବିନୀ ସାହିତ୍ୟ ମହୋତ୍ସବରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ଅଶୋକ ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ। (ଫଟୋ : ସମ୍ବାଦ କଳିକା)

# ଲଜ୍ ବାଥ୍‌ରୁମ୍‌ରୁ ମହିଳାଙ୍କ ମୃତଦେହ ଉଦ୍ଧାର : ସାଥି ଯୁବକ ଫେରାର୍

**କଟକ, ୦୪/୧୦ ନ୍ୟୁଜ ବ୍ୟୁରୋ**

ମଙ୍ଗଳାବାଗ ଅଞ୍ଚଳର ଏକ ଲଜ୍‌ରେ ଜଣେ ମହିଳାଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଲଜ୍‌ର ଏକ କୋଠରୀର ବାଥରୁମ୍‌ରୁ ଶନିବାର ରାତିରେ ମହିଳାଙ୍କ ମୃତଦେହ ମିଳିଥିବା ବେଳେ, ତାଙ୍କ ସହ ଲଜ୍‌କୁ ଆସିଥିବା ଯୁବକଙ୍କ ସନ୍ଧାନ ମିଳୁନାହିଁ। ଘଟଣାର ପ୍ରକୃତ କାରଣ ଏବେ ସୁଦ୍ଧା ଜଣାପଡ଼ିନାହିଁ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଶୁକ୍ରବାର ମହିଳା ଜଣକ ଜଣେ ଯୁବକଙ୍କ



ସହ ଲଜ୍‌କୁ ଆସିଥିଲେ। ଉଭୟେ ଏକ ରୁମ୍ ନେଇ ସେଠାରେ ରହିଥିଲେ। ପରଦିନ ସନ୍ଧ୍ୟାରେ ରୁମ୍‌ଟି ବାହାରପଟୁ ବନ୍ଦ ଥିବା ଲଜ୍ କର୍ମଚାରୀଙ୍କ ନଜରକୁ ଆସିଥିଲା। ଦୀର୍ଘ ସମୟ ଧରି କୌଣସି ଚଳପ୍ରଚଳ ନଥିବାରୁ ସନ୍ଦେହ ବଢ଼ିବା ପରେ କର୍ମଚାରୀମାନେ ରୁମ୍ ଖୋଲି ଭିତରକୁ ପ୍ରବେଶ କରିଥିଲେ। ରୁମ୍‌ର ବାଥରୁମ୍‌ରେ ମହିଳା ଜଣକ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଯାଞ୍ଚ କରିବା ବେଳେ ତାଙ୍କ ନାକରେ ତୁଳା ଥିବା ଜଣାପଡ଼ିଥିଲା ।ତେବେ ଶରୀରରେ ବାହ୍ୟ ଆଘାତ କିମ୍ବା ରକ୍ତସ୍ରାବର କୌଣସି ସ୍ପଷ୍ଟ ଚିହ୍ନ ମିଳିନଥିବା ପୋଲିସ କହିଛି। ଘଟଣା ପରେ ପୋଲିସ ଲଜ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଫୁଟେଜ୍‌ରୁ ମହିଳାଙ୍କ ସହ ଥିବା ଯୁବକଙ୍କ ଗତିବିଧି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଘଟଣା ପରଠାରୁ ଯୁବକ ଜଣକ ନିଖୋଜ ଥିବାରୁ ତାଙ୍କ ଭୂମିକା ନେଇ ମଧ୍ୟ ତଦନ୍ତ କରାଯାଉଛି ।ତେବେ ସେ ମହିଳାଙ୍କ ସ୍ୱାମୀ ହୋଇଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ଭାବେ ଅନୁମାନ କରୁଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ପରିଚୟ ମିଳିଥିବା ବେଳେ ତାଙ୍କ ଘର ବାଲେଶ୍ୱର ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାଙ୍କ ବ୍ୟାଗ୍‌ରୁ ମୋବାଇଲ୍ ଫୋନ୍ ସହ ଏସ୍‌ସିବି ମେଡିକାଲ୍‌ର କିଛି ପ୍ରେସକ୍ରିପସନ୍ ମିଳିଛି। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିବା ଏବଂ ଚିକିତ୍ସା ସମ୍ପର୍କିତ କାର୍ଯ୍ୟରେ କଟକ ଆସିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏନେଇ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି ଯେ, ମହିଳାଙ୍କ ମୃତ୍ୟୁର ନିର୍ଦ୍ଦିଷ୍ଟ କାରଣ ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏପଟେ ଫେରାର ଯୁବକଙ୍କୁ ଖୋଜିବା ସହ ଘଟଣାର ଅନ୍ୟାନ୍ୟ ଦିଗ ଉପରେ ପୋଲିସ ତଦନ୍ତ ଜାରି ରଖିଛି। ମାମଲାର ଅଧିକ ତଦନ୍ତ ପାଇଁ ପୋଲିସର ଏକ ଟିମ୍ ବାଲେଶ୍ୱର ଯାଇଥିବା ଜଣାପଡ଼ିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୪/୧୦/୨୦୨୬
5,98,291/- ଟଙ୍କା
ସୁନା:- ୧୧ ଗ୍ରାମ୍ ୮୦୦ ମିଲିଗ୍ରାମ୍
ରୂପା:- ୧୦୩ଗ୍ରାମ୍୦୦୦ ମିଲିଗ୍ରାମ୍

## ଏସ୍‌ସିବିରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟଣା

# ସନ୍ଦେହ ଘେରରେ ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟ

**କଟକ, ୦୪/୧୦ ନ୍ୟୁଜ ବ୍ୟୁରୋ**

ଚିକିତ୍ସା ପାଇଁ ହସ୍ପିଟାଲ ଆସିଥିବା ଜଣେ ରୋଗୀଙ୍କ ମୃତ୍ୟୁ ଘଟୁଛି । ଆଉ ତା'ପରେ ତାଙ୍କୁ ମାଡ଼ ମରାଯାଉଥିବା ଦୃଶ୍ୟ ସିସିଟିଭିରେ ସାମ୍ନାକୁ ଆସିଛି । ତେବେ ଏନେଇ ଅନେକ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । କଟକ ଏସ୍‌ସିବି ମେଡିକାଲରେ ୪୦ ବର୍ଷୀୟ ଶ୍ରୀକାନ୍ତ ଦାସଙ୍କ ମୃତ୍ୟୁ ଘଟଣାରେ ଏବେ ଠିକ୍ ସେହିଭଳି ଗୁରୁତର ପ୍ରଶ୍ନ ସାମ୍ନାକୁ ଆସିଛି । ମାନସିକ ରୋଗ ବିଭାଗରେ ଚିକିତ୍ସାଧୀନ ଥିବା ଶ୍ରୀକାନ୍ତଙ୍କ ମୃତ୍ୟୁକୁ ପରିବାର ଲୋକେ ସନ୍ଦେହଜନକ ବୋଲି ଦର୍ଶାଇ ମଙ୍ଗଳାବାଗ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସିସିଟିଭି ଫୁଟେଜ୍ ଏବେ ତଦନ୍ତର ଏକ ପ୍ରମୁଖ ଆଧାର ପାଲଟିଛି । ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ପହଙ୍ଗା ଗାଁର ଶ୍ରୀକାନ୍ତ ଦାସ ଏସ୍‌ସିବିର ମାନସିକ ରୋଗ ବିଭାଗରେ ଆଡମିଟ୍ ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆସିବା ସହ ଘଟଣାର ସଠିକ୍ ତଦନ୍ତ ଦାବି କରାଯାଇଥିଲା। ପରିବାରର ଅଭିଯୋଗ ଓ ସିସିଟିଭି ଫୁଟେଜ୍‌ରେ ଥିବା ଦୃଶ୍ୟ ଘଟଣାକୁ ଆହୁରି ଗୁରୁତର କରିଛି । ପରିବାରର



ଅଭିଯୋଗ ଅନୁଯାୟୀ, ଜଣେ ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀଙ୍କ ସମେତ କିଛି ବ୍ୟକ୍ତି ଶ୍ରୀକାନ୍ତଙ୍କୁ ମାଡ଼ ମାରିଥିଲେ। ସିସିଟିଭି ଫୁଟେଜ୍‌ରେ ମଧ୍ୟ ତାଙ୍କୁ ମାଡ଼ ମରାଯାଉଥିବା ଦୃଶ୍ୟ ଥିବା ଜଣାପଡ଼ିଛି। ଏହି ଫୁଟେଜ୍‌କୁ ପୁଲିସ ଜବତ କରି ତଦନ୍ତ କରୁଛି। ଶ୍ରୀକାନ୍ତଙ୍କୁ କେଉଁ ପରିସ୍ଥିତିରେ ମାଡ଼ ମରାଯାଇଥିଲା, ମାଡ଼ ପରେ ତାଙ୍କ ଅବସ୍ଥା କିପରି ଥିଲା ଏବଂ ମୃତ୍ୟୁ ସହ ଏହାର କୌଣସି ସମ୍ପର୍କ ରହିଛି କି ନାହିଁ— ଏସବୁ ଦିଗ ଏବେ ତଦନ୍ତର ଅଂଶ ପାଲଟିଛି । ଏହି ଘଟଣା ଏସ୍‌ସିବି ମେଡିକାଲରେ ନିୟୋଜିତ ଥିବା ଠିକା ସଂସ୍ଥାର ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟମାନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛି। ରୋଗୀ ଓ ସେମାନଙ୍କ ପରିବାର ସହ କର୍ମଚାରୀଙ୍କ ବ୍ୟବହାର, ରୋଗୀଙ୍କୁ ନିୟନ୍ତ୍ରଣ କରିବା ନାଁରେ ବଳ ପ୍ରୟୋଗ ଏବଂ ହସ୍ପିଟାଲ ପରିସରରେ ଏଭଳି ଘଟଣା ରୋକିବା ପାଇଁ ନିରୀକ୍ଷଣ ବ୍ୟବସ୍ଥା କେତେ ସୁଦୃଢ଼—ସେନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ରୋଗୀ ଓ ସମ୍ପର୍କୀୟମାନଙ୍କ ସହ ସୁରକ୍ଷାକର୍ମୀ କିମ୍ବା ଆଟେଣ୍ଡାଣ୍ଟଙ୍କ ଦୁର୍ବ୍ୟବହାର ଓ ଦାଦାଗିରି ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ଦେଖିବାକୁ ମିଳିଥିଲା । ଏଭଳି ଅଭିଯୋଗ ଯଦି ନିୟମିତ ଭାବେ ସାମ୍ନାକୁ ଆସୁଥାଏ, ତେବେ ଠିକା ସଂସ୍ଥା ଅଧୀନରେ ନିଯୁକ୍ତ କର୍ମଚାରୀଙ୍କ ଯୋଗ୍ୟତା, ପ୍ରଶିକ୍ଷଣ, ଡ୍ୟୁଟି ସମୟର ଆଚରଣ ଏବଂ ତାଙ୍କ ଉପରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ଏସବୁ ଅଭିଯୋଗର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଘଟଣାର ବିଭିନ୍ନ ଦିଗରୁ ତଦନ୍ତ ଚାଲିଛି। ସିସିଟିଭି ଫୁଟେଜ୍ ଜବତ କରାଯାଇଛି ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି। ସମସ୍ତ ରିପୋର୍ଟ ଆସିବା ପରେ ତଥ୍ୟ ଆଧାରରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

ସେପଟେ ଶ୍ରୀକାନ୍ତଙ୍କ ପତ୍ନୀ ମଧ୍ୟ ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କୁ ତିନି ଜଣ ବ୍ୟକ୍ତି ମାଡ଼ ମାରିଥିବା ଏବଂ ଶରୀରରେ ମାଡ଼ର ଚିହ୍ନ ରହିଥିବା ସେ କହିଛନ୍ତି। ମଦ୍ୟପାନ କରି ତାଙ୍କୁ ମାଡ଼ ମରାଯାଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ଶ୍ରୀକାନ୍ତଙ୍କ ମୃତ୍ୟୁ ପରେ ପରିବାର ଏବେ ନ୍ୟାୟ ଦାବି କରୁଛି। ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ସହ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏବେ ପୁଲିସ ତଦନ୍ତ, ସିସିଟିଭି ଫୁଟେଜ୍, ପୋଷ୍ଟମର୍ଟମ୍ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ଶ୍ରୀକାନ୍ତଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିବା ଉପରେ ନଜର ରହିଛି।

# ବାବା ଆଖଣ୍ଡଳମଣିଙ୍କ ପୀଠରେ ମା' ଜୟଦୁର୍ଗାଙ୍କ ଶାରଦୀୟ ପୂଜା

**ଭଦ୍ରକ, ୪/୧୦ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ଧାମରେ ପୀଠଦେବୀ ମା' ଜୟଦୁର୍ଗାଙ୍କ ଷୋଡ଼ଶ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୋଇଛି । ପବିତ୍ର ମୂଳାଷ୍ଟମୀ ଓ ଦେବୀ ଉତ୍ଥାନ ଦିବସରୁ ଆରମ୍ଭ ହୋଇଥିବା ଏହି ପୂଜା ଦଶହରା ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି। ମା'ଙ୍କ ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି କରାଯାଉଛି । ପରେ ହଳଦୀ ଓ ପଞ୍ଚାମୃତରେ ମହାସ୍ନାନ କରାଯାଇ ବାଲ୍ୟଭୋଗ ଲାଗି ହେଉଛି । ଏହାପରେ ପୀଠାଧିପତି ବାବା ଆଖଣ୍ଡଳମଣିଙ୍କ ନିକଟରେ ଅଭିଷେକ କର୍ମ ସମ୍ପନ୍ନ ହେଉଛି । ଏହାପରେ କଳସ ଶୋଭାଯାତ୍ରା କରାଯାଇ ଶିବଗଙ୍ଗା ପୁଷ୍କରିଣୀରୁ ଘଟ ଉତ୍ତୋଳନ କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଉଛି । ରୀତିନୀତି ଅନୁଯାୟୀ ପୂଜା ସହ ପୂଜାମଣ୍ଡପରେ ପ୍ରତିଦିନ ସପ୍ତଶତୀ ଚଣ୍ଡୀପାଠ ଅନୁଷ୍ଠିତ ହେଉଛି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଏଥର ଦଶହରାରେ ଯୁବପିଢ଼ିଙ୍କ ହାତରେ ପୂଜା ଦାୟିତ୍ୱ

**କଟକ, ୦୪/୧୦ ନ୍ୟୁଜ ବ୍ୟୁରୋ**

କଟକର ଦଶହରା କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ସହରର ସାହି, ସଂଗଠନ ଓ ସାମାଜିକ ଏକତାର ଏକ ପୁରୁଣା ପରମ୍ପରା। ଦଶହରା ପୂଜା କମିଟିଗୁଡ଼ିକର ନେତୃତ୍ୱ ଦୀର୍ଘଦିନ ଧରି ବୟୋଜ୍ୟେଷ୍ଠ ମୁରବିମାନଙ୍କ ହାତରେ ରହିଆସିଥିବା ବେଳେ ଏବେ ସେହି ପରମ୍ପରାରେ ଦେଖାଦେଇଛି ଧୀରେ ଧୀରେ ପରିବର୍ତ୍ତନ। ବରିଷ୍ଠଙ୍କ ଅଭିଜ୍ଞତାକୁ ମାର୍ଗଦର୍ଶନ ଭାବେ ଗ୍ରହଣ କରି ଅନେକ ପୂଜା କମିଟିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏବେ ଯୁବପିଢ଼ି ସମ୍ଭାଳୁଛନ୍ତି। ଦିନେ ଦିନେ ବଦଳୁଥିବା ସାମାଜିକ ପରିସ୍ଥିତି ସହ କଟକର ପୂଜା କମିଟିଗୁଡ଼ିକର କାର୍ଯ୍ୟଧାରାରେ ମଧ୍ୟ ପରିବର୍ତ୍ତନ ଆସୁଛି। ପୂଜା ଆୟୋଜନ, ମେଢ଼ ନିର୍ମାଣ, ସାଜସଜ୍ଜା ଓ ଭସାଣି ଶୋଭାଯାତ୍ରା ପରିଚାଳନାରେ ଯୁବକମାନେ ପୂର୍ବରୁ ସକ୍ରିୟ ରହୁଥିଲେ। ଏବେ ସେମାନେ କେବଳ ଆୟୋଜନରେ ସୀମିତ ନରହି କମିଟିର ନିଷ୍ପତ୍ତି ନେବା ଓ ପରିଚାଳନାର ପ୍ରମୁଖ ଦାୟିତ୍ୱ ମଧ୍ୟ ନେଉଛନ୍ତି। ହରିପୁର ପୂଜା କମିଟିର ସଭାପତି ଭାବେ ୪୩ ବର୍ଷୀୟ ରାମକୃଷ୍ଣ ହାତୀ ଓ ସମ୍ପାଦକ ଭାବେ ୪୧ ବର୍ଷୀୟ ବିକ୍ରମ ଛାଟୋଇ ଦାୟିତ୍ୱ ନେଇଛନ୍ତି। କନିକାରୋଡ୍-ରାମଗଡ଼ ପୂଜା କମିଟିର ସଭାପତି ୩୭ ବର୍ଷୀୟ ବସନ୍ତ ନାୟକ ଓ ସମ୍ପାଦକ ୪୫ ବର୍ଷୀୟ ଜୟଦେବ ଜେନା ଓ ତୁଳସୀପୁର ଦୁର୍ଗାପୂଜା କମିଟିରେ ୪୫ ବର୍ଷୀୟ ମନୋଜ ସାହୁ ଓ ୩୦ ବର୍ଷୀୟ ସୁଧୀର କୁମାର ସେଠୀ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଦରଘାବଜାର ପୂଜା କମିଟିର ସମ୍ପାଦକ ରାଜକିଶୋର ମିଶ୍ରଙ୍କ ବୟସ ୪୦ ବର୍ଷ। ଅଲିଶାବଜାର ପୂଜା କମିଟିର ସଭାପତି ୩୭ ବର୍ଷୀୟ ସୁକେଶ ବେହେରା ଓ ସମ୍ପାଦକ ୩୯ ବର୍ଷୀୟ ରାକେଶ ଚନ୍ଦ୍ର ବେହେରା। ମାଳିସାହି ପୂଜା କମିଟିର ସମ୍ପାଦକ ଭାବେ ସୁବ୍ରତ ନାୟକ, ବଢ଼େଇସାହି ଗ୍ରାମାଞ୍ଚଳ ପୂଜା ସମିତିର କାର୍ଯ୍ୟକାରୀ ସଭାପତି ଭାବେ ମନୋଜ ମହାରଣା ଓ ଶିକାରୀସାହି ପୂଜା କମିଟିର ସମ୍ପାଦକ ଭାବେ ସରୋଜ କୁମାର ବେହେରା ଯୁବ ନେତୃତ୍ୱର ଉଦାହରଣ ପାଲଟିଛନ୍ତି। କେବଳ ସଭାପତି ଓ ସମ୍ପାଦକ ପଦବୀରେ ନୁହେଁ, କୋଷାଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ମଧ୍ୟ ଯୁବପିଢ଼ିଙ୍କ ଉପସ୍ଥିତି ବଢ଼ିଛି। କଟକଚଣ୍ଡୀ ରୋଡ୍-ଶେଖବଜାର ପୂଜା କମିଟିର କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ନାରାୟଣ ଗୁଟୁ ଏବଂ ଖଟବିନ୍‌ସାହି ପୂଜା କମିଟିର କୋଷାଧ୍ୟକ୍ଷ ଭାବେ ପୀତବାସ ଦଳେଇ ଦାୟିତ୍ୱ ନେଇଛନ୍ତି। ତେବେ ଏହି ପରିବର୍ତ୍ତନକୁ କେବଳ ପିଢ଼ି ପରିବର୍ତ୍ତନ ଭାବେ ଦେଖାଯାଉନାହିଁ। ଯୁବପିଢ଼ି ପୂଜା କମିଟିର କାର୍ଯ୍ୟକ୍ରମକୁ ଏକ ବ୍ୟାପକ ସାମାଜିକ ଦାୟିତ୍ୱ ସହ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି। ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ଆର୍ଥିକ ଅନଗ୍ରସର ପରିବାରଙ୍କୁ ସହାୟତା ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଭଳି କାର୍ଯ୍ୟକ୍ରମରେ ଅନେକ କମିଟି ନିଜର ସାମାଜିକ ଭୂମିକା ବଢ଼ାଇଛନ୍ତି। ପୂଜା କମିଟିର କୌଣସି ଔପଚାରିକ ପଦବିରେ ନଥିଲେ ମଧ୍ୟ ଅନେକ ଯୁବକ ଆୟୋଜନ, ସୁରକ୍ଷା, ଶୃଙ୍ଖଳା, ସ୍ୱେଚ୍ଛାସେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଃସ୍ୱାର୍ଥ ଭାବେ ସାମିଲ ହେଉଛନ୍ତି। ବିଭିନ୍ନ ସାମାଜିକ ସଂଗଠନ ସହ ଯୋଡ଼ି ଯୁବପିଢ଼ି କଟକର ପୂଜା ପରମ୍ପରାକୁ ଆହୁରି ସୁଦୃଢ଼ କରିବାରେ ମଧ୍ୟ ଭୂମିକା ନେଉଛନ୍ତି। କଟକର ଦଶହରାର ପୁରୁଣା ପରିଚୟରେ ମୁରବିଙ୍କ ଅଭିଜ୍ଞତା ଓ ପରମ୍ପରାର ଗୁରୁତ୍ୱ ଆଜି ବି ଅତୁଟ। ତାହା ସହ ଯୁବପିଢ଼ିର ଉତ୍ସାହ, ନୂଆ ଚିନ୍ତାଧାରା ଓ ପରିଚାଳନା କୌଶଳ ଯୋଡ଼ି ହେଉଛି ଏକ ନୂଆ ସମନ୍ୱୟ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com